# ଝାର୍‌ଦାବ



ସେଣ୍ଟର୍ ଫର୍ ଫରେଷ୍ଟ୍ରି ଆଣ୍ଡ୍ ଗଭର୍ଣ୍ଣାନ୍ସ
ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

## ଏ ସଂଖ୍ୟାରେ...


ପୃଷ୍ଠା

**ବିଶେଷ କଥନ**

ଜଙ୍ଗଲ ଅଧିକାର ଆଇନ ଓ ଜୀବନ ଜୀବିକା ୩

**ଚାଷବାସ**

ଚନ୍ଦ୍ରଶୂର ୬

**ସଭା ସମିତି**

ଶାଳମଞ୍ଜିର ଚିରନ୍ତନ ଅମଳ ଓ ପ୍ରକ୍ରିୟାକରଣ ନିମନ୍ତେ ତାଲିମ ଶିବିର ୮

**ଘରୋଇ ଚିକିତ୍ସା**

ଇସବଗୋଲ ୧୦

ପିତାତରଡା ୧୧

**ଖବରକାଗଜ ପୃଷ୍ଠାରୁ**

ପତ୍ର ତୋଳା ଋତୁ ଆରମ୍ଭ ହେଲା, ପରିସ୍ଥିତି ମାନ୍ଦା ୧୨

ଶାଳ ମଞ୍ଜି : ଏଠି ହତାଦର, ବାହାରେ ଆଦର ୧୩

**ତଥ୍ୟ କିଞ୍ଚିତ୍**

ବିଜ୍ଞପ୍ତି ୧୪


## ପାଠକ ପାଠିକାମାନଙ୍କୁ ପଦେ...

**'ଝାରଦରବ୍'** ର ପ୍ରକାଶନ ସଂପର୍କିତ ଆବଶ୍ୟକୀୟ ମତାମତ ଦେଇ ପତ୍ରିକାଟିକୁ ପଠନଯୋଗ୍ୟ କରିବା ନିମନ୍ତେ ଏହାର ପାଠକ ପାଠିକାମାନଙ୍କୁ ଅନୁରୋଧ । ଆଞ୍ଚଳିକ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ଘଟଣା/ଉଦ୍ୟମ/ସମସ୍ୟା ଜନିତ ଲେଖାଗୁଡ଼ିକ ଏଥିରେ ସ୍ଥାନିତ କରାଯିବ । ଏତଦ ବ୍ୟତୀତ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ , ପ୍ରକ୍ରିୟାକରଣ ଓ ବ୍ୟବସାୟ ଜନିତ କୌଣସି ସଫଳ ଉଦ୍ୟମକୁ ମଧ୍ୟ ଏହି ପତ୍ରିକା ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯିବ । ଏଭଳି ଉଦ୍ୟମ ବିଷୟରେ ସୂଚନା ଦେବା ସହ ଏଥି ନିମନ୍ତେ ଲେଖା ପଠାଇବାକୁ ଅନୁରୋଧ ।

ଆପଣଙ୍କ ସହଯୋଗ ଅପେକ୍ଷାରେ...

**ସଂପାଦନାମଣ୍ଡଳୀ**

## ସମ୍ପାଦକୀୟ...

ପ୍ରାକୃତିକ ସମ୍ବଳର ସୁବିନିଯୋଗ ନିମନ୍ତେ ବିଭିନ୍ନ ସମୟରେ ଗଢ଼ାହୋଇଛି ଆଇନକାନୁନ୍ । ଏହାର ଚିରସ୍ଥାୟୀ ଉପଯୋଗ ନିମନ୍ତେ ସରକାରଙ୍କୁ ନୀତି ନିୟମରେ ଅତୀତରେ ଲାଗୁ କରାଯାଇଛି ଅନେକ କଟକଣା । ଏହି କଟକଣା ଲାଗୁ କରିବା ପ୍ରକ୍ରିୟାରେ କେତେବେଳେ ବ୍ୟବହାରକାରୀର ସମ୍ବଳ ଉପରେ ଥିବା ଅଧିକାର ସଙ୍କୁଚିତ ହୋଇଛିତ କେତେବେଳେ ସେ ସେଥିରୁ ସଂମ୍ପୂର୍ଣ୍ଣଭାବେ ବଞ୍ଚିତ ହୋଇଛି । ଏଣୁ ଏଥିନିମନ୍ତେ ଏକ ଆଇନର ଆବଶ୍ୟକତା ଅନେକ ଦିନରୁ ଅନୁଭବ ହେଉଥିଲା, ଯେଉଁଥିରେ ଜୈବ ବିବିଧତାର ସୁରକ୍ଷା ଏବଂ ପରିବେଶ ସନ୍ତୁଳନର ବ୍ୟବସ୍ଥା ସହିତ ସମ୍ବଳ ବ୍ୟବହାରକାରୀର ଜୀବନଜିବିକା ନିମନ୍ତେ ପ୍ରକୃଷ୍ଟ ଧ୍ୟାନ ଦିଆଯାଇପାରିବ । ସମ୍ବଳର ଚିରସ୍ଥାୟୀ ଉପଯୋଗକୁ ପ୍ରାଧାନ୍ୟ ଦିଆଯିବା ସହିତ ଜୀବନ ଜୀବିକାକୁ ମଧ୍ୟ ସୁନିଶ୍ଚିତ କରାଯାଇପାରୁଥିବ ଫଳରେ ଉଭୟ ମଧ୍ୟରେ ଏକ ସନ୍ତୁଳନ ଅଣାଯାଇପାରିବ ।

ସମ୍ପ୍ରତି ଆସିଥିବା "ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬" କୁ ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ବୋଲି ନିଃସନ୍ଦେହରେ କୁହାଯାଇପାରେ ଜଙ୍ଗଲରେ ଥିବା ଜମି, ଜଳ ଓ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ଜଙ୍ଗଲ ଅଧିବାସୀ ଆଉ ଉପଭୋକ୍ତା ନହୋଇ ମାଲିକାନା ଜାହିର କରିପାରିବାର ଅନେକ ବ୍ୟବସ୍ଥା ଏହି ଆଇନ୍‌ରେ ରହିଛି । ଏଥିରେ ଜୀବନ ଜିବିକାକୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ଜଙ୍ଗଲର ଚିରସ୍ଥାୟୀ ବିନିଯୋଗ ନିମନ୍ତେ ମଧ୍ୟ ପ୍ରସ୍ତାବ ରହିଛି ।

ଏଣୁ ଏହି ଆଇନ୍‌କୁ ଭିତ୍ତି କରି ଜଙ୍ଗଲ ଅଧିବାସୀମାନେ ବର୍ତ୍ତମାନ ଓ ପରବର୍ତ୍ତୀ ପିଢ଼ୀ ନିମନ୍ତେ ସମ୍ବଳ ବିନିଯୋଗର ସୂତ୍ର କାଢି କିପରି ସଦୁପଯୋଗ କରିପାରିବେ ଏହା ସମୟ କହିବ ।

**ସଂପାଦକ**



# ଜଙ୍ଗଲ ଅଧିକାର ଆଇନ ଓ ଜୀବନଜୀବିକା

ଓଡ଼ିଶାରେ ହାରାହାରୀ ୫.୮ ନିୟୁତ ହେକ୍ଟର ଜଙ୍ଗଲ ରହିଛି । ଏହି ଜଙ୍ଗଲ ମଧ୍ୟରେ ଏବଂ ନିକଟରେ ପ୍ରାୟ ୨୯,୦୦୦ ଗାଁ ରହିଛି । ଏହି ଗାଁମାନଙ୍କରେ ରହୁଥିବା ପ୍ରାୟ ଦେଢ କୋଟି ଲୋକ ଜଙ୍ଗଲ ଉପରେ ଅଳ୍ପ ବହୁତେ ନିର୍ଭରଶୀଳ । ଏହିମାନଙ୍କ ମଧ୍ୟରୁ ଷାଠିଏ ଲକ୍ଷ ଆଦିବାସୀ । ଜଙ୍ଗଲ ଓ ଜଙ୍ଗଲ ନିକଟରେ ରହୁଥିବା ଆଦିବାସୀମାନେ ନିଜର ନିତିଦିନିଆ ବ୍ୟବହାର ନିମନ୍ତେ ଜଙ୍ଗଲରୁ ମିଳୁଥିବା ଜଳେଣୀକାଠ, ଚେରମୂଳି, ଫଳ, ଫୁଲ, ପତ୍ର, ବକ୍କଳ, ଅଠା, ରସ, ଲାଖ, ଝୁଣା, ମହୁ ପ୍ରଭୃତି ସଂଗ୍ରହ କରିଥାନ୍ତି । ଏଥି ମଧ୍ୟରୁ କିଛି ଜିନିଷ ଖାଦ୍ୟ, ପାନୀୟ, ବସ୍ତ୍ର, ଘର ତିଆରି, ଚାଷ ଉପକରଣ, ଔଷଧ ରୂପେ ଘରେ ବ୍ୟବହାର କରିଥାନ୍ତି । ଏହାଛଡା କିଛି ଜଙ୍ଗଲଜାତ ଜିନିଷକୁ ବିକ୍ରି କରି ସେଥିରୁ ମିଳୁଥିବା ଦୁଇ ପଇସା ରୋଜଗାର କରି ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତି । ଏକ ପରିସଂଖ୍ୟାନରୁ ଜଣାଯାଏ ଯେ, ରାଜ୍ୟରେ ଆବଶ୍ୟକ ହେଉଥିବା ଦେଢକୋଟି ମେଟ୍ରିକ୍ ଟନ୍ ଜାଳେଣୀ କାଠ ମଧ୍ୟରୁ ଅଧିକାଂଶ ଜଙ୍ଗଲୁ ହିଁ ମିଳିଥାଏ ।

ଏହାଛଡା ରାଜ୍ୟର ଆବଶ୍ୟକ ହେଉଥିବା ସାଢେ ତିନି କୋଟି ମେଟ୍ରିକ୍‌ଟନ୍ ଗୋଖାଦ୍ୟର ପ୍ରାୟ ଅଧାଅଧି ଜଙ୍ଗଲରୁ ହିଁ ମିଳିଥାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକେ, ଚାଷବାସ ନଥିବା ସମୟରେ ନିଜର ଖାଦ୍ୟ ନିରାପତ୍ତା ଏବଂ ଆୟ ନିମନ୍ତେ ବର୍ଷର ଅଧାଦିନ ଜଙ୍ଗଲ ଉପରେ ହିଁ ନିର୍ଭର କରିଥାନ୍ତି ।

ଏ'ତ ଗଲା ଲୋକଙ୍କର ଜଙ୍ଗଲ ଉପରେ ନିର୍ଭରର କଥା । ରାଜ୍ୟର ରାଜସ୍ୱ ଆୟ ପାଇଁ ମଧ୍ୟ ଜଙ୍ଗଲ ଏକ ପ୍ରମୁଖ ମାଧ୍ୟମ ଭାବେ ପରିଗଣିତ ହେଉଛି । ଜଙ୍ଗଲରୁ ମିଳୁଥିବା ଗୃହ ଉପକରଣ ଉପଯୋଗୀ କାଠ ବା ଗଡକାଠରୁ ସରକାର ଭଲ ଦୁଏ ପଇସା ଆୟ କରିଥାନ୍ତି । ଏହାଛଡା ଏକ ଆକଳନରୁ ଜଣାଯାଏ ଯେ ରାଜ୍ୟର ସମସ୍ତ ଜଙ୍ଗଲଜାତ ଦ୍ରବ୍ୟ ଆୟର ତିନି ଚତୁର୍ଥାଂଶ କେବଳ ଅଣକାଷ୍ଠ ବନଜାତ ଦ୍ରବ୍ୟରୁ ହିଁ ମିଳିଥାଏ ।

ଯଦିଓ ବିଭିନ୍ନ ସମୟରେ ସରକାରଙ୍କ ପ୍ରଣୀତ ବିଭିନ୍ନ ଆଇନ୍‌କାନୁନ୍ ଲୋକଙ୍କୁ ବା ସେମାନଙ୍କର ସଂଗଠନକୁ ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ, ବିକ୍ରି ନିମନ୍ତେ ଅଧିକାର ଦେଇଛି, କିନ୍ତୁ ବିଭିନ୍ନ କାରଣରୁ ଅନେକ ସମୟରେ ଲୋକେ ସେ ଅଧିକାରକୁ ଠିକ୍ ଭାବେ ସାବ୍ୟସ୍ତ କରିପାରିନାହାଁନ୍ତି କିମ୍ବା ସରକାର ଆଇନ ମାଧ୍ୟମରେ ନିୟନ୍ତ୍ରଣକୁ ନିଜ ହାତରେ ରଖିଛନ୍ତି ।

କିନ୍ତୁ ୨୦୦୬ ମସିହାରେ ଆସିଥିବା ଜଙ୍ଗଲ ଅଧିକାର ଆଇନ ଅନ୍ୟ ଆଇନ୍‌ଠାରୁ କିଛି ମାତ୍ରାରେ ନିଆରା । ଏହି ଆଇନ୍‌ରେ ଦିଆଯାଇଥିବା ଲଘୁ ବନଜାତ ଦ୍ରବ୍ୟର ସଂଜ୍ଞା ଅନୁଯାୟୀ ବୃକ୍ଷଜାତ ସମସ୍ତ ଅଣକାଷ୍ଠ ବନଜାତ ଦ୍ରବ୍ୟ ଯେଉଁଥିରେ ବାଉଁଶ, ଝାଟି, ଛୋଟ ଗଛର ଡାଳ, ଟସର କୋଷା, ମହୁ, ମହମ, ଲାଖ, କେନ୍ଦୁପତ୍ର, ଔଷଧୀୟ ବୃକ୍ଷଲତା, ମୂଳ, ଚେରମୂଳୀ ଆଦିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଲଘୁ ବନଜାତ ଦ୍ରବ୍ୟଗୁଡ଼ିକର ବ୍ୟବହାର ଅଧିକାର ସମ୍ପର୍କରେ ଦର୍ଶାଯାଇଛି ଯେ, ପାରମ୍ପରିକ ଭାବେ ନିଜ ଗ୍ରାମ ମଧ୍ୟରେ କିମ୍ବା ଗ୍ରାମ ବାହାର ସୀମାରୁ ସଂଗ୍ରହ ହୋଇ ଆସୁଥିବା ଲଘୁ ବନଜାତ ଦ୍ରବ୍ୟର ମାଲିକାନା, ସଂଗ୍ରହ, ବ୍ୟବହାର ଓ ବିକ୍ରୟ ନିମନ୍ତେ ଅଧିକାର ଆଦିବାସୀ ଓ ଅନ୍ୟାନ୍ୟ ଜଙ୍ଗଲ ଅଧିବାସୀଙ୍କର ରହିବ । ମୁଖ୍ୟତଃ ଏହି ଆଇନରେ ସୁରକ୍ଷିତ ଜଙ୍ଗଲ ବ୍ୟତୀତ ସଂରକ୍ଷିତ ଜଙ୍ଗଲ, ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟଗୁଡ଼ିକରେ ମଧ୍ୟ ଗୋଷ୍ଠୀ ଅରଣ୍ୟ ସମ୍ବଳର ଅଧିକାର ସମ୍ପୃକ୍ତ ଗ୍ରାମବାସୀମାନଙ୍କୁ ଦିଆଯାଇଛି । ଯାହା ଫଳରେ ପୂର୍ବରୁ ଆଇନ୍ ଦ୍ୱାରା ସଂରକ୍ଷିତ ଜଙ୍ଗଲ, ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନଗୁଡ଼ିକରେ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ନେଇ କଟକଣା ଅନେକ ମାତ୍ରାରେ କୋହଳ ହୋଇଯିବ ବା ଉଠିଯିବ କହିଲେ ଚଳେ । ଫଳରେ ଏହି ଆଇନ୍ ପୂର୍ବରୁ ଜଙ୍ଗଲ



ଜାତ ଦ୍ରବ୍ୟର ସଂଗ୍ରହ, ବ୍ୟବହାର ଓ ବିକ୍ରିରୁ କ୍ରମାଗତ ଭାବେ ବଞ୍ଚିତ ହୋଇଥିବା ସମ୍ପୃକ୍ତ ଅଞ୍ଚଳର ଅଧିବାସୀମାନଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ଆଣି ଦେଉଛି । ଏହି ଲୋକମାନଙ୍କ ଦ୍ୱାରା ଆଜି ପର୍ଯ୍ୟନ୍ତ ସଂରକ୍ଷିତ ଜଙ୍ଗଲ, ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନଗୁଡ଼ିକରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହକୁ ବେଆଇନ୍ ବୋଲି ବିବେଚନା କରାଯାଇଥିଲା । ଏହି ଆଇନ ପ୍ରଚଳନ ହେବା ପରେ ସେଥିରେ ଆଉ ପ୍ରତିବନ୍ଧକ ଲାଗିପାରିବ ନାହିଁ ।

ଯଦିଓ, ଓଡ଼ିଶାରେ ଦୁଇଟି ମୁଖ୍ୟ ଆୟକାରୀ ଅଣକାଷ୍ଠ ବନଜାତ ଦ୍ରବ୍ୟ (କେନ୍ଦୁପତ୍ର ଓ ବାଉଁଶ) ଅଦ୍ୟାବଧି ସରକାରଙ୍କର ପରିଚାଳନାଧିନ ଅଛି, କିନ୍ତୁ ଜଙ୍ଗଲ ଅଧିକର ଆଇନ୍ ଅନୁସାରେ ଦିଆଯାଇଥିବା ସଂଜ୍ଞାରେ ବାଉଁଶ ଓ କେନ୍ଦୁପତ୍ରକୁ ଲଘୁ ବନଜାତ ଦ୍ରବ୍ୟ ମଧ୍ୟରେ ସାମିଲ କରାଯାଇଛି । ଏଠାରେ ସୂଚାଇ ଦିଆଯାଇପାରେକି, ଆମ ରାଜ୍ୟରେ ଶାଳମଞ୍ଜି ମଧ୍ୟ ୨୦୦୬ ମସିହା ପର୍ଯ୍ୟନ୍ତ ଜାତୀୟକରଣ ଦ୍ରବ୍ୟ ଭାବେ ପରିଗଣିତ ହୋଇ ସରକାରଙ୍କର ନିୟନ୍ତ୍ରଣାଧିନ ଥିଲା । ଉକ୍ତ ବର୍ଷ ମାର୍ଚ୍ଚ ମାସରେ ଏକ ବିଜ୍ଞପ୍ତି ବଳରେ ସରକାର ଏହାକୁ ଗ୍ରାମପଞ୍ଚାୟତର ନିୟନ୍ତ୍ରଣକୁ ଦେଇଦେଲେ । ଏହାଛଡ଼ା ପାତାଳଗରୁଡ ଚେର, ଚନ୍ଦନକାଠ, ବିଭିନ୍ନ ପ୍ରକାରର ଅଠା, ଛେଲି ଓ ବକ୍କଳ ଆଦିର ସଂଗ୍ରହ ଉପରେ ନିୟନ୍ତ୍ରଣ ଜାରୀ କରାଯାଇଅଛି । କିନ୍ତୁ ଏହି ଆଇନ୍‌ରେ ସେଗୁଡ଼ିକ ଲଘୁ ବନଜାତ ଦ୍ରବ୍ୟ ମଧ୍ୟରେ ସାମିଲ ହୋଇଥିବାରୁ ଆଇନ୍ ଅନୁଯାୟୀ ସେଗୁଡ଼ିକର ସଂଗ୍ରହ, ବ୍ୟବହାର, ମାଲିକାନା ଏବଂ ବିକ୍ରି ମଧ୍ୟ ଲୋକମାନେ କରିପାରିବେ । ଏହା ଉପରେ ଥିବା କଟକଣା ଆଉ ଲାଗୁ ହୋଇପାରିବନାହିଁ ।

ରାଜ୍ୟରେ ବିକ୍ରିବଟା ହେଉଥିବା ଅଣକାଷ୍ଠ ବନଜାତ ଦ୍ରବ୍ୟମାନଙ୍କ ମଧ୍ୟରେ କେନ୍ଦୁପତ୍ର, ବାଉଁଶ, ଶାଳମଞ୍ଜି, ଶାଳ ଓ ଶିଆଳିପତ୍ର, ତେନ୍ତୁଳି ଏବଂ ମହୁଲ ଫୁଲ ଏବଂ ମଞ୍ଜି ଆଦିରୁ ତୁଳନାତ୍ମକ ଭାବେ ଅନ୍ୟ ଅଣକାଷ୍ଠ ବନଜାତ ଦ୍ରବ୍ୟମାନଙ୍କଠାରୁ ଅଧିକ ଆୟ ମିଳିଥାଏ ।

ଏଥର ଆସନ୍ତୁ, ଆଲୋଚନା କରିବା ଅଣକାଷ୍ଠ ଦ୍ରବ୍ୟରୁ ରାଜ୍ୟର ସର୍ବାଧିକ ଆୟ ଯୋଗାଉଥିବା କେନ୍ଦୁପତ୍ରର କଥା । କେନ୍ଦୁପତ୍ରର ପରିଚାଳନା ଓ ବ୍ୟବସାୟ ବର୍ତ୍ତମାନ ସରକାରଙ୍କର ନିୟନ୍ତ୍ରଣାଧିନ ଅଛି । ଏହାସତ୍ତ୍ୱେ ଏହି ପତ୍ର ଜଙ୍ଗଲରେ ରହୁଥିବା ଲୋକମାନଙ୍କର ଏକ ପ୍ରମୁଖ ଆୟର ମାଧ୍ୟମ । ରାଜ୍ୟର ପ୍ରାୟ ୨୦ ଲକ୍ଷ ଲୋକ ଦେଢମାସ କାଳ କେନ୍ଦୁପତ୍ରର ତୋଳା ସହିତ ସମ୍ପୃକ୍ତ ଥାଆନ୍ତି । ଏହି ଲୋକମାନଙ୍କୁ ହାରାହାରୀ ମୁଣ୍ଡପିଛା ୨୦୦ ଟଙ୍କା ହାରରେ ବାର୍ଷିକ ୪୦ କୋଟି ଟଙ୍କା ମଜୁରୀ ମିଳିଥାଏ । ଏହାଛଡା ସରକାରଙ୍କର ଜଙ୍ଗଲ ବିଭାଗ ତରଫରୁ ଗୋଛା କଟାଇ ନିମନ୍ତେ ୬ କୋଟି ଟଙ୍କା ମଜୁରୀ ହିସାବରେ ଲୋକମାନଙ୍କୁ ଦିଆଯାଇଥାଏ । କେନ୍ଦୁପତ୍ରର ପ୍ରକ୍ରିୟାକରଣ ଓ ପ୍ୟାକିଂ ନିମନ୍ତେ ୧୫ ରୁ ୧୭ କୋଟି ଟଙ୍କା ବ୍ୟୟ ହୋଇଥାଏ, ଯାହା ଲୋକଙ୍କ ପାଖରେ ପହଞ୍ଚେ । ଏହିସବୁ ଖର୍ଚ୍ଚ ବାଦ ସମୁଦାୟ ଲାଭର ୫୦ ପ୍ରତିଶତ ଅର୍ଥ ପ୍ରତିବର୍ଷ ପଞ୍ଚାୟତ ଅନୁଷ୍ଠାନମାନଙ୍କୁ ଆଞ୍ଚଳିକ ବିକାଶ ନିମନ୍ତେ ମିଳିଥାଏ । ଏହା ବାର୍ଷିକ ହାରାହାରୀ ୨୦ ରୁ ୩୦ କୋଟି ଟଙ୍କା ବୋଲି ଏକ ସୂତ୍ରରୁ ପ୍ରକାଶ । ଏହି ଲାଭାଂଶ ସମସ୍ତ ଖର୍ଚ୍ଚକୁ ବାଦ ଦେଇ ହିସାବ କରାଯାଏ । ଉପରୋକ୍ତ ହିସାବ ସବୁକୁ ବିଚାରକୁ ନେଲେ କେନ୍ଦୁପତ୍ର ବ୍ୟବସାୟରେ ବାର୍ଷିକ ହାରାହାରୀ ଦେଢଶହରୁ ଦୁଇ ଶହ କୋଟି ଟଙ୍କା ମିଳିଥାଏ । ଯଦି ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ କେନ୍ଦୁପତ୍ରର ମାଲିକାନା, ଏବଂ ବିକ୍ରିର ଅଧିକାର ଲୋକଙ୍କୁ ମିଳିବ, ତେବେ କେନ୍ଦୁପତ୍ର ବ୍ୟବସାୟ ପ୍ରକ୍ରିୟା ସହିତ ଜଡିତ ପ୍ରତ୍ୟେକ ବ୍ୟକ୍ତି ବିଶେଷ ବାର୍ଷିକ ହାରାହାରୀ ଏକ ହଜାର ଟଙ୍କା ଆୟ କରିପାରିବେ ଏବଂ ଗୋଟିଏ ପରିବାର ବାର୍ଷିକ ହାରାହାରୀ ୨ ହଜାରୁ ୩ ହଜାର ପର୍ଯ୍ୟନ୍ତ ଆୟ କରିପାରିବେ ଯାହା ବର୍ତ୍ତମାନର ଆୟ ତୁଳନାରେ ପାଞ୍ଚ ଗୁଣ ଅଧିକ ହେବ ।

ବର୍ତ୍ତମାନ ଆଲୋଚନା କରିବା ଅନ୍ୟ ଏକ ପ୍ରମୁଖ ଅଣକାଷ୍ଠ ଦ୍ରବ୍ୟ ବାଉଁଶ କଥା । ବର୍ତ୍ତମାନ ରାଜ୍ୟରେ ୩୨୫ଟି ବାଉଁଶ ଜଙ୍ଗଲ ରହିଛି, ଯାହାର ବାର୍ଷିକ ହାରାହାରୀ ଉତ୍ପାଦନ କ୍ଷମତା ୧୦ ଲକ୍ଷ ମେଟ୍ରିକ ଟନ୍ ଅଟେ । କିନ୍ତୁ ବର୍ତ୍ତମାନ ଏହି କ୍ଷମତାର ଏକ ଚତୁର୍ଥାଂଶ ଅର୍ଥାତ୍ ୨.୫ ଲକ୍ଷ ମେଟ୍ରିକ୍‌ଟନ୍ ଉତ୍ପାଦନ ହେଉଛି । ଏହି ବାଉଁଶ ପରିଚାଳନାରେ ରାଜ୍ୟର ପଞ୍ଚଷଠୀ ହଜାର ବାଉଁଶ କଟାଳୀ ନିଯୁକ୍ତ ହୋଇଥାନ୍ତି । ଯେଉଁମାନଙ୍କ ନିମନ୍ତେ ଏଥିରୁ ୨୦ ଲକ୍ଷ ଶ୍ରମଦିବସ ସୃଷ୍ଟି ହୋଇଥାଏ । ଏହାଛଡା ରାଜ୍ୟରେ ଥିବା ପ୍ରାୟ ପନ୍ଦର ଲକ୍ଷ ବାଉଁଶ କାରିଗର ନିଜର ଜୀବିକା ଉପାର୍ଜନ ନିମନ୍ତେ ଏହା ଉପରେ ନିର୍ଭର କରନ୍ତି । ଏହାଛଡା ପ୍ରାୟ ୫୫ ଲକ୍ଷ ଲୋକ ନିଜର ଜୀବିକା ଉପାର୍ଜନ ନିମନ୍ତେ ବାଉଁଶ ଉପରେ ଆଂଶିକ ଭାବରେ ନିର୍ଭର କରିଥାନ୍ତି । ଆମ ରାଜ୍ୟରେ ବାଉଁଶ ଏକ ଜାତୀୟକରଣ ଦ୍ରବ୍ୟ ହୋଇଥିବାରୁ ଓଡ଼ିଶା ବନ ଉନ୍ନୟନ ନିଗମ ଭଳି ସରକାରୀ ସଂସ୍ଥା ଦ୍ୱାରା ଏହା ପରିଚାଳନା ହୋଇଥାଏ । ମୁଖ୍ୟତଃ କାଗଜ ପ୍ରସ୍ତୁତି ନିମନ୍ତେ ବାଉଁଶ ବ୍ୟବହାର ହେଉଥିବାରୁ କାଗଜକଳମାନଙ୍କରେ ଏହାକୁ କଞ୍ଚାମାଲ ଭାବେ ବ୍ୟବହାର କରାଯାଇଥାଏ । ସେମାନେ ଓଡ଼ିଶା ବନ ଉନ୍ନୟନ ନିଗମକୁ ରୟାଲଟି ଦେଇ ଏହାକୁ ବ୍ୟବହାର ପାଇଁ ନେଇଥାନ୍ତି । ୨୦୦୧ ମସିହା ପୂର୍ବରୁ ଏକ ଆକଳନରୁ ଜଣାଯାଏ ଯେ ବାଉଁଶ ଅମଳ ହେଉଥିବା ବର୍ଷମାନଙ୍କରେ ଏହି ବ୍ୟବସାୟରୁ ସରକାର ବାର୍ଷିକ ପ୍ରାୟ ୨୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟ କରିଥାନ୍ତି । ଏଣୁ ଯଦି ଏହି ୨୦ କୋଟି ଟଙ୍କା ବାଉଁଶ ଉପରେ ନିର୍ଭର କରୁଥିବା

୮୦ ହଜାର ଲୋକଙ୍କ ପାଖକୁ ଚାଲିଯାଏ ତେବେ ବର୍ତ୍ତମାନ ହେଉଥିବା ଆୟ ଉପରେ ଏହା ମୁଣ୍ଡ ପିଛା ବାର୍ଷିକ ୨୫୦୦ ଟଙ୍କା ଅଧିକ ଆୟର ସମ୍ଭାବନା ସୃଷ୍ଟି କରିବ । ଯେହେତୁ ଜଙ୍ଗଲ ଅଧିକାର ଆଇନ୍‌ରେ ବାଉଁଶକୁ ଲଘୁ ବନଜାତ ଦ୍ରବ୍ୟ ମଧ୍ୟରେ ସାମିଲ କରାଯାଇ ଏହାର ମାଲିକାନା, ସଂଗ୍ରହ, ବ୍ୟବହାର ଏବଂ ବିକ୍ରିର ଅଧିକାର ଆଦିବାସୀ ଏବଂ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ବ୍ୟକ୍ତି ଏବଂ ଗୋଷ୍ଠୀକୁ ଦିଆଯାଇଅଛି; ତେଣୁ ଭବିଷ୍ୟତରେ ଏହା ସେମାନଙ୍କର ଆୟର ଏକ ପ୍ରମୁଖ ମାଧ୍ୟମ ରୂପେ ପରିଗଣିତ ହେବ ବୋଲି ଆଶା କରାଯାଏ । ଏହା ଫଳରେ ଅନେକ ପରିବାର ବାଉଁଶକୁ ଏକ ପ୍ରାଥମିକ ଜୀବିକା ଉପାର୍ଜନର ମାଧ୍ୟମ ରୂପେ ଗ୍ରହଣ କରିପାରିବେ । ଏହାକୁ ବାଦଦେଲେ ଶାଳମଞ୍ଜି, ଶାଳପତ୍ର, ଶିଆଳିପତ୍ର, ମହୁଲ, ତେନ୍ତୁଳି, ବିଭିନ୍ନ ପ୍ରକାର ଗଛର ଅଠା (ଧଉରା, ବବୁଲ, ଗେନ୍ଦୁଲି, ବାହାଡା, ପଳାଶ, ସଲାଇ ଇତ୍ୟାଦି), ବିଭିନ୍ନ ଗଛର ବକ୍କଳ ଓ ଛେଲି (ସୁନାରୀ, ଲୋଧାମେଦ, ଫେଣ୍ଫେଣା, ଅର୍ଜୁନ ଇତ୍ୟାଦି) ଆଦି ଅଧିକ ଆୟକାରୀ ଜଙ୍ଗଲ ଜାତ ଦ୍ରବ୍ୟ ସମ୍ପୂର୍ଣ୍ଣ ଭାବେ ସ୍ଥାନୀୟ ଗ୍ରାମଗୋଷ୍ଠୀ ଦ୍ୱାରା ସଂଗ୍ରହ, ପରିଚାଳନା ଓ ବିକ୍ରି ହେବା ଦ୍ୱାରା ଅଧିକ ଦୁଇ ପଇସା ଆୟ ହେବା ସୁନିଶ୍ଚିତ । ଓଡ଼ିଶାରେ ପ୍ରଚଳିତ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ ଓ ବ୍ୟବସାୟ ନୀତି ଅନୁଯାୟୀ ଶାଳପତ୍ର, ଝୁଣା ବିଭିନ୍ନ ପ୍ରକାରର ଅଠା ଓ ବକ୍କଳ, ପାତାଳଗରୁଡ ଚେର ଆଦି ଲିଜ୍ ଦିଆଯାଇପାରିବ । ଏହାକୁ ସମ୍ପୂର୍ଣ୍ଣ ଭାବେ ଗ୍ରାମଗୋଷ୍ଠୀ ଦ୍ୱାରା ନିୟନ୍ତ୍ରଣ ହେବ ବୋଲି କୁହାଯାଇଛି । ଏଣୁ ଚିରନ୍ତନ ଅମଳକୁ ଧ୍ୟାନ ଦେଇ ଗ୍ରାମଗୋଷ୍ଠୀମାନେ ଏଥିରୁ କିଛି ଆୟ କରିପାରିବେ ।

କେବଳ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରି ନୁହେଁ, ଚାଷ ମଧ୍ୟ ଜଙ୍ଗଲରେ ରହୁଥିବା ଲୋକମାନଙ୍କର ଏକ ପ୍ରମୁଖ ଜୀବିକା ନିର୍ବାହର ମାଧ୍ୟମ । ସାଧାରଣ ଚାଷ ଛଡା ଅଧିକାଂଶ ଜଙ୍ଗଲ ଜମିରେ ପୋଡୁଚାଷ କରି ଏମାନେ ଭରଣପୋଷଣ ହୋଇଥାନ୍ତି । ଜଙ୍ଗଲ ଅଧିକାର ଆଇନ୍‌ରେ ଜଙ୍ଗଲ ଜମିରେ ସମସ୍ତ ପ୍ରକାର ଚାଷକୁ ମାନ୍ୟତା ଦିଆଯାଇଛି । ଏଣୁ ଜୀବିକା ଉପାର୍ଜନ ନିମନ୍ତେ ଚାଷ



କରୁଥିବା ସମସ୍ତ ଜଙ୍ଗଲ ଜମି ଉପରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ଦିଆଯାଇଛି । ଏହା ଫଳରେ ଓଡ଼ିଶାରେ ୧୬ ଲକ୍ଷ ହେକ୍ଟର ଜଙ୍ଗଲ ଜମିରେ ହେଉଥିବା ପୋଡୁଚାଷକୁ ମାନ୍ୟତା ମିଳିବ । ଚାଷ ଦ୍ୱାରା ହେଉଥିବା ଉତ୍ପାଦନରୁ ଜୀବିକା ନିର୍ବାହ କରୁଥିବା ଲୋକଟି ନିଜର ଜମି ଉପରେ ମାଲିକାନା ପାଇଯିବା ଫଳରେ ସେଥିରୁ ଅଧିକ ଉତ୍ପାଦନ କରିବା ନିମନ୍ତେ ଚେଷ୍ଟିତ ହେବ । ଜଙ୍ଗଲରେ ଚାଷ ନିମନ୍ତେ ବ୍ୟବହୃତ ହେଉଥିବା ଜମିର ମାଲିକାନା ସତ୍ତ୍ୱ ମିଳିଗଲେ ଏହି ଜମିଗୁଡ଼ିକର ଉନ୍ନତି ସାଧନ ନିମନ୍ତେ ସମ୍ପୃକ୍ତ ଚାଷୀ ଚେଷ୍ଟା କରିବେ । ଫଳରେ ଜମିର ଉତ୍ପାଦକତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଲୋକମାନଙ୍କର ଖାଦ୍ୟ ସମସ୍ୟା ସମାଧାନ ନିମନ୍ତେ କିଛି ମାତ୍ରାରେ ସହାୟକ ହେବ ।

ଏହାଛଡା ଜଙ୍ଗଲ ଜମି ବ୍ୟବହାର ନିମନ୍ତେ ରାଜରାଜୁଡା ଅମଳରେ ଥିବା "ନିସ୍ତାର" ବ୍ୟବସ୍ଥାକୁ ମଧ୍ୟ ଏହି ଆଇନ୍‌ରେ ମାନ୍ୟତା ଦିଆଯାଇଛି । ଫଳରେ ଏହି ସତ୍ତ୍ୱ ବଳରେ ଜଙ୍ଗଲ ଜମି ଓ ଜଙ୍ଗଲ ସମ୍ପଦକୁ ଭୋଗ ଦଖଲ କରୁଥିବା ଲୋକମାନେ ଉପକୃତ ହୋଇପାରିବେ ।

ଏହି ଆଇନ୍‌ରେ ଗୋଚାରଣ ନିମନ୍ତେ ଋତୁଭିତ୍ତିକ ବ୍ୟବହାର କରୁଥିବା ଜମି ଉପରେ ଲୋକଙ୍କର ଅଧିକାର ରହିବ ବୋଲି ବ୍ୟବସ୍ଥା ଅଛି । ଏଣୁ ଗୋପାଳନ, ମେଷପାଳନ ଆଦି କରି ଜୀବିକା ନିର୍ବାହ କରୁଥିବା ଗୋଷ୍ଠୀମାନଙ୍କ ନିମନ୍ତେ ଏହା ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ ।

ଲୋକମାନଙ୍କର ପ୍ରାକୃତିକ ସମ୍ବଳର ବ୍ୟବହାର ଉପରେ ଅଧିକାରକୁ ନେଇ ଅତୀତରେ ଅନେକ ତର୍ଜମା ହୋଇଛି । ଏହାକୁ ନେଇ ଗଢା ହୋଇଛି ଅନେକ ଆଇନକାନୁନ୍ ଓ ନୀତିନିୟମ । କିନ୍ତୁ ଏଇ ଦୃଷ୍ଟିକୋଣରୁ ଦେଖିଲେ ବର୍ତ୍ତମାନ ପ୍ରଣୀତ ହୋଇଥିବା ଅନୁସୂଚୀତ ଜନଜାତି ଓ ପାରମ୍ପରିକ ଜଙ୍ଗଲ ଅଧିବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬ (ସଂକ୍ଷେପରେ ଜଙ୍ଗଲ ଅଧିକାର ଆଇନ) ସମ୍ପୂର୍ଣ୍ଣ ନିଆରା । ଏଥିରେ ସମ୍ବଳ ବ୍ୟବହାକାରୀମାନଙ୍କୁ ପୂର୍ବରୁ ହୋଇଥିବା ଆଇନଗୁଡ଼ିକ ତୁଳନାରେ ଅଧିକ ଅଧିକାର ମିଳିଛି । ସେମାନେ କେବଳ ସମ୍ବଳର ଉପଭୋକ୍ତା ନହୋଇ ମାଲିକ ହେବା ନିମନ୍ତେ ଆଇନରେ ବ୍ୟବସ୍ଥା ଅଛି ।

ଏଣୁ ଏହି ଆଇନ ଯଦି ସଠିକ୍ ଭାବରେ ଲାଗୁ ହୁଏ ତେବେ ଅଧିକରୁ ଅଧିକ ଜଙ୍ଗଲ ଅଧିବାସୀ ଯେ ଉପକୃତ ହେବେ ଏହା ନିଃସନ୍ଦେହରେ କୁହାଯାଇପାରେ ।

■

# ଚନ୍ଦ୍ରଶୂର

ବହୁ ପ୍ରାଚୀନ କାଳରୁ ଆର୍ୟୁବେଦ ଶାସ୍ତ୍ର ମାନଙ୍କରେ ଔଷଧୀୟ ବୃକ୍ଷଲତାକୁ ଗୁରୁତ୍ୱ ଦିଆଯାଇଆସିଛି । ଏହା ସହିତ ସେଗୁଡ଼ିକର ଔଷଧୀୟ ଗୁଣ ଓ ବ୍ୟବହାର ବିଷୟରେ ବିଶଦ ଭାବେ ବର୍ଣ୍ଣନା କରାଯାଇଛି । ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ସେହିଭଳି ଗୋଟିଏ ଔଷଧୀୟ ଗୁଣବତ୍ତାରେ ପରିପୂର୍ଣ୍ଣ ଥିବା ଗଛ ହେଲା ଚନ୍ଦ୍ରଶୂର । କାହିଁ କେତେ ବର୍ଷଧରି ଏହି ଗଛରୁ ପ୍ରସ୍ତୁତ ଔଷଧ ଲୋକମାନଙ୍କ ଉପକାରରେ ଲାଗିଆସିଛି । ଏହାକୁ ସେବନ କଲେ ଯେ କେବଳ ବିଭିନ୍ନ ରୋଗ ଭଲ ହୋଇଥାଏ ତାହାନୁହେଁ, ବରଂ ଏହା ଶରୀରରେ ଅଫୁରନ୍ତ ଶକ୍ତି ଓ ଉତ୍ସାହ ଯୋଗାଇଥାଏ । ଏହାଛଡ଼ା ଏହି ଗଛକୁ ଗାଈ ଓ ମଇଁଷି ଭଳି ଦୁଗ୍ଧ ଦେଉଥିବା ଗୃହପାଳିତ ପଶୁଙ୍କର ଦୁଗ୍ଧର ମାତ୍ରା ବଢାଇବା ନିମନ୍ତେ ପ୍ରାକୃତିକ ଖାଦ୍ୟଭାବେ ମଧ୍ୟ ବହୁଳ ଭାବରେ ବ୍ୟବହାର କରାଯାଇଆସୁଛି । ଆଧୁନିକ ଯୁଗରେ ଉନ୍ନତ ଚିକିତ୍ସା ପଦ୍ଧତି ଦ୍ୱାରା ଏହାର ନାନାବିଧ ଔଷଧୀୟ ଗୁଣ ବିଷୟରେ



ଗବେଷଣା ଚାଲିଛି ଏବଂ ବିଭିନ୍ନ ରୋଗଗୁଡ଼ିକର ଉପଚାର ମଧ୍ୟ କରାଯାଉଛି । ମାତ୍ରାଧିକ ଔଷଧୀୟ ବ୍ୟବହାର ଯୋଗୁଁ ଜଙ୍ଗଲରେ ଏହା ମିଳିବା କମିଯିବାରୁ ଏହାର ଚାଷ କରିବା ଆବଶ୍ୟକ ହୋଇପଡିଛି । ବର୍ତ୍ତମାନ ଆମ ଦେଶର ଅନେକ ଚାଷୀ ସଫଳତା ପୂର୍ବକ ଚନ୍ଦ୍ରଶୂର ଚାଷ କରୁଛନ୍ତି । ଏହାର ଚାଷ ଏବେ ଆଉ ମଧ୍ୟ –ଭାରତୀୟ ରାଜ୍ୟଗୁଡ଼ିକରେ ସୀମିତ ନହୋଇ ଗୁଜୁରାଟ, ରାଜସ୍ଥାନ, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଓ ଆମ ରାଜ୍ୟର ଚାଷୀମାନଙ୍କ ଦ୍ୱାରା ଚାଷ କରାଯାଉଅଛି ।

ଚନ୍ଦ୍ରଶୂରକୁ ବିଭିନ୍ନ ଭାଷାରେ ବିଭିନ୍ନ ନାମ ଧରି ଡକାଯାଇଥାଏ । ଯଥା; ସଂସ୍କୃତରେ ଚନ୍ଦ୍ରଶୂର, ହିନ୍ଦୀରେ ଚନସୁର, ହାଲିମ୍, ବଙ୍ଗାଳୀରେ ହାଲିମ୍, ପଞ୍ଜାବୀରେ ହାଲିୟମ୍, ମରାଠୀରେ ଅହର୍ଲିବ, ଗୁଜୁରାଟରେ ଅଶୋଲିୟା, ତାମିଲରେ ଆଲିବିରାୟି, ତେଲଗୁରେ ଅଦେଲୀ, କନ୍ନଡରେ ଅଲ୍ଲୀବୀଜ, ଇଂରାଜୀରେ ଗାର୍ଡନ କ୍ରେଶ କୁହଯାଏ । ଏହାର ବାନସ୍ପତିକ ନାମ ଲୋପିଡିୟମ ସେଟଇବମ୍ ଲିନ୍ନ ଏବଂ ଏହା କ୍ରୁସିଫେରୀ ପରିବାରର ଅନ୍ତର୍ଭୁକ୍ତ ଅଟେ ।

ଚନ୍ଦ୍ରଶୂର ଗଛ ସାଧାରଣତଃ ୧ ଫୁଟ୍‌ରୁ ୩ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ବଢିଥାଏ । କିନ୍ତୁ ଉପଯୁକ୍ତ ଜଳବାୟୁ ମାଟି ତଥା ଖାଦ୍ୟସାର ପାଇଲେ ୪ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ବଢି ପାରିଥାଏ । ତେବେ ଏହା ଏକ ଅଳ୍ପ ଦିନ ଧରି ବଞ୍ଚି ରହିପାରୁଥିବା ଗଛଟିଏ ।ଏହା କେବଳ ୩ ରୁ ୪ ମାସ ପର୍ଯ୍ୟନ୍ତ ବଞ୍ଚିପାରିଥାଏ । ଶୀତଋତୁ ସମୟରେ ରବି ଫସଲ ବେଳେ ଚନ୍ଦ୍ରଶୂର ବିଲ ତଥା କିଆରୀଗୁଡ଼ିକରେ ଆପେ ଆପେ ଉଠି ଥିବାର ଦେଖାଯାଇଥାଏ । ଏହାକୁ ଲଗାଇବା ଆବଶ୍ୟକ ହୋଇନଥାଏ । ତେଣୁ ଚନ୍ଦ୍ରଶୂରକୁ ଏକ ସ୍ୱୟଂପୃଷ୍ଟ ବୃକ୍ଷଭାବେ ଗଣାଯାଇଥାଏ । ପ୍ରଥମେ ଏହି ଗଛଟି ଉଠିଲାବେଳେ ଅଳସୀଗଛ ପରି ଦୃଶ୍ୟମାନ ହୋଇଥାଏ । ଏହି ସମୟରେ ପତ୍ର ଗୁଡ଼ିକ ସବୁଜ ରଙ୍ଗର ହୋଇଥାଏ, କିନ୍ତୁ ଗଛର ଉଚ୍ଚତା ବଢିବା ସଙ୍ଗେ ସଙ୍ଗେ ପତ୍ର ଗୁଡ଼ିକ ଧିରେ ଧିରେ ସଫା ହଳଦିଆ ରଙ୍ଗ ଧାରଣ କରିଥାଏ । ଚନ୍ଦ୍ରଶୂରର ମଞ୍ଜି ହିଁ ବୃକ୍ଷର ମୁଖ୍ୟ ବ୍ୟବସାୟିକ ଅଙ୍ଗ ଅଟେ । କାରଣ ମୁଖ୍ୟତଃ ଏହାର ମଞ୍ଜି ହିଁ ଔଷଧ ପ୍ରସ୍ତୁତିରେ ଲଗିଥାଏ ।

**ଜଳବାୟୁ**

ଚନ୍ଦ୍ରଶୂରର ଚାଷ ସାଧାରଣତଃ ସମାନଭାବେ ଶୀତ ଓ ଉଷ୍ଣତା ଅନୁଭବ ହେଉଥିବା ଅଞ୍ଚଳରେ କରାଯାଇଥାଏ । ଏହି ସ୍ଥାନମାନଙ୍କରେ ୬୫ ରୁ ୧୨୫ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେଉଥିବା ସ୍ଥାନ ହିଁ ହେଉଛି ଚନ୍ଦ୍ରଶୂର ପାଇଁ ଉପଯୁକ୍ତ ଜଳବାୟୁ । କାରଣ ଏହି ଜଳବାୟୁରେ ଚନ୍ଦ୍ରଶୂର ଖୁବ୍ ଭଲ ବଢିପାରିଥାଏ । ଆମ ରାଜ୍ୟର ଜଳବାୟୁ ମଧ୍ୟ ଚନ୍ଦ୍ରଶୂର ଚାଷ ପାଇଁ ଉପଯୁକ୍ତ ଅଟେ ।

**ମାଟି**

ପ୍ରାୟ ସବୁ ପ୍ରକାରର ମାଟିରେ ଚନ୍ଦ୍ରଶୂରର ଚାଷ କରାଯାଇପାରେ, କିନ୍ତୁ ବିଶେଷଭାବେ ଶୀଘ୍ର ଜଳ ନିଷ୍କାସନ ହୋଇପାରୁଥିବା ଜମିରେ ଏହା ଭଲ ବଢିପାରିଥାଏ ଏବଂ ଭଲ ଅମଳ ମଧ୍ୟ ଦେଇଥାଏ । ଦୋରସା ମାଟି ଏହାର ଚାଷ ପାଇଁ

ଖୁବ୍ ଉପଯୁକ୍ତ ହୋଇଥାଏ । ଚନ୍ଦ୍ରଶୂର ଚାଷ କରାଯାଉଥିବା ମାଟିରେ ସାଧାରଣ ମାତ୍ରାର ଅମ୍ଳ ରହିଲେ ଫସଲ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ ।

## ଜମି ପ୍ରସ୍ତୁତି

ଚନ୍ଦ୍ରଶୂରର କ୍ଷେତ ପ୍ରସ୍ତୁତି ପାଇଁ ସେପରି କୌଣସି ବିଶେଷ ଆବଶ୍ୟକତା ନଥାଏ । ୨/୩ ଥର ହଳ କରି ମାଟିକୁ ଗୁଣ୍ଡ କରିଦେବା ଉଚିତ୍ । ହଳ କରି ସାରିବା ପରେ ଏକର ପ୍ରତି ୬ ଟନ୍ କମ୍ପୋଷ୍ଟ ଗୋବର ଖତ ପକାଇ ମାଟି ସହ ମିଶାଇ ଦେବ ଆବଶ୍ୟକ ।

## ମଞ୍ଜି ବୁଣା

ଚନ୍ଦ୍ରଶୂରକୁ ରବି ଫସଲ ଭାବେ ଚାଷ କରାଯାଏ । ଜଳ ସେଚିତ ହେଉନଥିବା ଅଞ୍ଚଳରେ ସେପ୍ଟେମ୍ବର-ଅକ୍ଟୋବର ମାସରେ ଚାଷ କରାଯାଉଥିବାବେଳେ ଜଳ ସେଚିତ ହେଉଥିବା ଅଞ୍ଚଳରେ ଏହାକୁ ଅକ୍ଟୋବର-ନଭେମ୍ବର ମାସରେ ଚାଷ କରାଯାଇଥାଏ । କେତେକ ଚାଷୀ ମଞ୍ଜିକୁ ଜମିରେ ଛାଟି ଦେଇ ବୁଣାକାମ କରିଥାନ୍ତି । ଏହାଦ୍ୱାରା ଯଦିଓ ଫସଲ ଭଲ ହୋଇଥାଏ, ତଥାପି ଗହମ, ସୋରିଷ ପାଇଁ ବ୍ୟବହାର କରାଯାଉଥିବା ମଞ୍ଜିବୁଣା ପ୍ରଣାଳୀକୁ ଉପଯୋଗ କରିବା ଉଚିତ୍ । ମଞ୍ଜିବୁଣା ପାଇଁ ହୋଇଥିବା ସିଆରରେ ମଞ୍ଜିଗୁଡ଼ିକ ମାଟିର ୧ ରୁ ୨ ସେଣ୍ଟିମିଟର ଗଭୀର ମଧ୍ୟରେ ରହିବା ନିହାତି ଆବଶ୍ୟକ । ତାହା ନହେଲେ ମଞ୍ଜିଗୁଡ଼ିକ ଠିକ୍ ଭାବରେ ଉଠିପାରିବନାହିଁ, ଅମଳ କମିଯିବ କିମ୍ବା ବୀଜ ଆଦୌ ଉଠିପାରିବନାହିଁ । ସିଆରରୁ ସିଆର ମଧ୍ୟରେ ଗୋଟିଏ ଫୁଟ୍ ବ୍ୟବଧାନ ରଖିବା ଉଚିତ୍ । ଗୋଟିଏ ଏକର ଜମି ଚାଷ ପାଇଁ ଅନୁମାନିକ ଭାବେ ୫ କିଲୋଗ୍ରାମ ଓଜନର ଚନ୍ଦ୍ରଶୂର ମଞ୍ଜି ଆବଶ୍ୟକ ହୋଇଥାଏ ।

## ବଛାବଛି

ଫସଲ ହେବାର ୨୦ ଦିନ ପରେ ଜମିରେ ଅନେକ ଅନାବନା ଗଛଗୁଡ଼ିକ ଉଠିଯାଇଥାଏ । ତେଣୁ ତାକୁ ହାତରେ ବଛାବଛି କରି ଉପାଡି ଦେବା ଉଚିତ୍ । ଏହାଦ୍ୱାରା ଚନ୍ଦ୍ରଶୂର ଗଛଗୁଡ଼ିକ ଭଲ ଭାବରେ ବଢ଼ିପାରିବ ।

## ଜଳସେଚନ

ଚନ୍ଦ୍ରଶୂର ଫସଲ ପାଇଁ ଅଧିକ ଜଳସେଚନର ଆବଶ୍ୟକତା ପଡିନଥାଏ । ଗଛ ଉଠିବା ସମୟରେ ଯଦି ଜମିରେ ପର୍ଯ୍ୟାପ୍ତ ପରିମାଣର ଆର୍ଦ୍ରତା ଥାଏ, ତେବେ ଆର୍ଦ୍ରତାକୁ ଦେଖି କିମ୍ବା ଏକ ମାସ ପରେ ଏକ ହାଲକା ଜଳସେଚନ କରିବା ଉଚିତ୍ । ଏହାପରେ ୧୫ ଦିନ ଅନ୍ତରାଳରେ ଆଉଥରେ ଜଳସେଚନ କରିବା ଦ୍ୱାରା ଅପେକ୍ଷାକୃତ ଭଲ ଫସଲ ମିଳିଥାଏ ।

## ରୋଗପୋକ ନିୟନ୍ତ୍ରଣ

ଏହି ଫସଲରେ ସେପରି କୌଣସି ରୋଗ ହୁଏନାହିଁ କିମ୍ବା ଫସଲକୁ ପୋକ ଆକ୍ରମଣ କରନ୍ତିନାହିଁ । କେବେକେବେ ପାଉଡରି ମିଲାଡିବ୍ ରୋଗ ଗଛକୁ ଆକ୍ରମଣ କରିଥାଏ । ଏହି ରୋଗରୁ ଫସଲକୁ ରକ୍ଷା କରିବା ପାଇଁ ସଲଫର ଗୁଣ୍ଡ ବ୍ୟବହାର କରାଯାଏ । ମାହୁ ରୋଗ ହୋଇଥିଲେ ଇଣ୍ଡୋସଲ୍‌ଫାନ୍‌ର ୧ ମିଲିଲିଟରକୁ ଏକ ଲିଟର ପାଣିରେ ଗୋଳାଇ ଛିଞ୍ଚିଲେ ସୁଫଳ ମିଳିଥାଏ ।

## ଅମଳ

ଚନ୍ଦ୍ରଶୂର ଖୁବ୍ ଶୀଘ୍ର ବଢୁଥିବା ଏକ ଗଛ । ତେଣୁ ଏହା ଖୁବ୍ ଶୀଘ୍ର ଅମଳ ମଧ୍ୟ ଦେଇଥାଏ । ଦେଖାଯାଇଛି ଯେ ପ୍ରାୟ ୧୦୦ ଦିନ ମଧ୍ୟରେ ଫସଲ ପାଚି ଅମଳ ପାଇଁ ପ୍ରସ୍ତୁତ ହୋଇଯାଇଥାଏ । ରୋପଣର ୧୦୦ ରୁ ୧୨୦ ଦିନ ମଧ୍ୟରେ ପତ୍ରଗୁଡ଼ିକ ସବୁଜରୁ ହଳଦିଆ ରଙ୍ଗର ହୋଇଥାଏ । ଏହାଛଡ଼ା ମଞ୍ଜିଗୁଡ଼ିକ ଗାଢ଼ ଲାଲ୍ ରଙ୍ଗରେ ପରିଣତ ହୋଇଥାଏ । ମଞ୍ଜି ବୀଜ ଏହି ରଙ୍ଗର ହୋଇଗଲେ, ଅମଳ ପାଇଁ ପ୍ରକୃଷ୍ଟ ସମୟ ବୋଲି ଧରିନେବାକୁ ହେବ । ଏହି



ସମୟରେ ଫସଲକୁ ସାବଧାନତାର ସହ ହାତରେ ଉପାଡି କିମ୍ବା ଦାଆରେ କାଟି ଏକତ୍ର କରିବା ଉଚିତ୍ । କାଟିବାପରେ ୨-୩ ଦିନ ପର୍ଯ୍ୟନ୍ତ ଏହାକୁ ଟାଣ ଖରାରେ ଶୁଖାଇବା ପରେ ବାଡ଼ିରେ ବାଡାଇ କିମ୍ବା ଥ୍ରେସର ଯନ୍ତ୍ର ବ୍ୟବହାର କରି ଏଥିରୁ ମଞ୍ଜି ସଂଗ୍ରହ କରାଯିବା ଉଚିତ୍ । ମଞ୍ଜି ସଂଗ୍ରହ ସରିବା ପରେ ବସ୍ତାରେ ସଂରକ୍ଷିତ କରାଯାଇଥାଏ । ଗୋଟିଏ ଏକର ଜମିରୁ ପ୍ରାୟ ଛଅ କ୍ୱିଣ୍ଟାଲ ଚନ୍ଦ୍ରଶୂର ମଞ୍ଜି ଏବଂ ଏକ କ୍ୱିଣ୍ଟାଲ ଶୁଖିଲା ଗୋଖାଦ୍ୟ ମିଳିଥାଏ ।

## ବିକ୍ରି

ବର୍ତ୍ତମାନ ଚନ୍ଦ୍ରଶୂରର ବଜାର ଦର ତଥା ଆବଶ୍ୟକତା ଖୁବ୍ ଭଲ ଅଛି ଏବଂ ଏହାର ବ୍ୟାପକ ଔଷଧୀୟ ବ୍ୟବହାର ହେଉଥିବାରୁ ଭବିଷ୍ୟତରେ ଏହାଠାରୁ ଅଧିକ ଭଲ ବ୍ୟବସାୟ ହେବାର ଆଶା ରହିଛି । କେତେକ ଟେଣ୍ଡର ମାଧ୍ୟମରେ ମଧ୍ୟ ଏହାର ବିକ୍ରି କରାଯାଇପାରୁଛି ।

## ଆୟ ଓ ବ୍ୟୟ

ଗୋଟିଏ ଏକର ଜମିରେ ଚନ୍ଦ୍ରଶୂର ଚାଷ ପାଇଁ ଗୋଟିଏ ଚାଷୀ ପ୍ରାୟ ୬୨୦୦ ଟଙ୍କା ବ୍ୟୟ କରିଥାଏ ଏବଂ ୧୪୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିଥାଏ । ଆୟ ବ୍ୟୟ ବାଦ୍ ଉକ୍ତ ଚାଷୀଜଣକ ମାତ୍ର ତିନି ଚାରି ମାସରେ ସାମାନ୍ୟ ପରିଶ୍ରମ କରି ପ୍ରାୟ ୭୮୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇଥାଏ । ତେଣୁ ଚନ୍ଦ୍ରଶୂର ଭଳି ଲାଭଦାୟକ ଫସଲ କରି ଚାଷୀମାନେ ନିଜର ଆର୍ଥିକ ଅବସ୍ଥାରେ ଉନ୍ନତି କରିପାରିବ ।

■

# ଶାଳମଞ୍ଜିର ଚିରନ୍ତନ ଅମଳ ଓ ପ୍ରକ୍ରିୟାକରଣ ନିମନ୍ତେ ତାଲିମ ଶିବିର

ଓଡ଼ିଶାର ବଣ ଜଙ୍ଗଲରେ ରହୁଥିବା ସେଥିରେ ଆଦିବାସୀମାନେ ମୁଖ୍ୟତଃ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ଓ ସେଥିରୁ ବିକ୍ରି ପଇସା ଉପରେ ନିର୍ଭର କରିଥାନ୍ତି । କାରଣ ଏହା ତାଙ୍କର ଜୀବନଜୀବିକାର ପ୍ରଧାନ ମାର୍ଗ ଅଟେ । ଏହି ବନଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରେ ଅନେକ ଦ୍ରବ୍ୟ ଆସୁଥିଲେ ମଧ୍ୟ ଶାଳମଞ୍ଜିକୁ ଅଧିକ ମାତ୍ରାରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । କାରଣ ଶାଳମଞ୍ଜି ବିକ୍ରି ପଇସାରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହକାରୀ ତଥା ଆଦିବାସୀମାନେ ପ୍ରାୟ ୬ ମାସ କାଳ ଚଳିଥାନ୍ତି । ଆଦିବାସୀମାନେ ଶାଳମଞ୍ଜିକୁ ସଂଗ୍ରହ କରି ବଜାରରେ ବିକ୍ରି କରିଥାନ୍ତି ; କିନ୍ତୁ ଅଧିକାଂଶ କ୍ଷେତ୍ରରେ ସଂଗ୍ରହ କରିବା ସମୟରେ ଦେଖାଯାଏ ଯେ ଆଦିବାସୀମାନେ ଅଧିକ ଶାଳମଞ୍ଜି ସଂଗ୍ରହ କରିବା ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦିଅନ୍ତି, ଡାଳ ଭାଙ୍ଗି ଦିଅନ୍ତି ଏବଂ ସଂଗ୍ରହ ପରେ ଶାଳମଞ୍ଜିର ଉପଯୁକ୍ତ ପ୍ରକ୍ରିୟାକରଣ ନକରି ବଜାରରେ ବିକ୍ରି କରି ଦେଇଥାନ୍ତି । ଫଳରେ ସେମାନେ ଶାଳମଞ୍ଜିର ଉପଯୁକ୍ତ ବିକ୍ରି ମୂଲ୍ୟ ପାଇନଥାନ୍ତି । ଏପରିକି ଜଙ୍ଗଲରୁ ମଞ୍ଜିର ସଂଗ୍ରହ ଓ ପ୍ରକ୍ରିୟାକରଣ ପାଇଁ କରିଥିବା ଦୁଇ ମାସ ପରିଶ୍ରମର ମୂଲ୍ୟ ମଧ୍ୟ ସେଥିରୁ ଉଠିନଥାଏ ।

ତେଣୁ ଶାଳମଞ୍ଜିର ଚିରନ୍ତନ ବ୍ୟବହାର ତଥା



ଅମଳ ଓ ପ୍ରକ୍ରିୟାକରଣ ତଥା ସଂରକ୍ଷଣ ବ୍ୟବସ୍ଥା ସମ୍ବନ୍ଧରେ ପ୍ରାଥମିକ ସଂଗ୍ରହକାରୀମାନଙ୍କୁ ତାଲିମ ଦେବା ପାଇଁ କୋରାପୁଟ ଜିଲ୍ଲାର ଖଜୁରୀପଦର ଗ୍ରାମସ୍ଥିତ "ସ୍ପ୍ରେଡ"ର ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଆର୍‌ସିଡିସି ସେଣ୍ଟର ଫର୍ ଫରେଷ୍ଟ୍ରୀ ଆଣ୍ଡ୍ ଗଭର୍ଣ୍ଣାନ୍‌ସ ଅନୁଷ୍ଠାନ ଦ୍ୱାରା ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ତାଲିମ ଶିବିରରେ ଖଜୁରୀପଦର ଗ୍ରାମ ସମେତ ତିନିଟି ଗ୍ରାମର ଆଦିବାସୀ ତଥା ପ୍ରାଥମିକ ସଂଗ୍ରହକାରୀମାନେ ଯୋଗଦାନ କରିଥିଲେ । ଆୟୋଜକ ଅନୁଷ୍ଠାନର ସଦସ୍ୟ ସୁକାନ୍ତ ଜେନା ଏବଂ "ସ୍ପ୍ରେଡ" ଅନୁଷ୍ଠାନର ସଦସ୍ୟ ମନୋଜ ଉକ୍ତ ତାଲିମ ଶିବିରକୁ ପରିଚାଳନା କରିଥିଲେ ।

ସର୍ବ ପ୍ରଥମେ ତାଲିମ ଶିବିରରେ ଉପସ୍ଥିତ ଥିବା ଅଂଶଗ୍ରହଣକାରୀମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ଏହାପରେ ଶାଳମଞ୍ଜିରେ ସଂଗ୍ରହ ପ୍ରଣାଳୀ ବିଷୟରେ ଅଂଶଗ୍ରହଣ କରିଥିବା ସଂଗ୍ରହକାରୀମାନଙ୍କୁ ପଚରା ଯିବାରୁ ସେମାନେ ନିଜର ମତ ଦେଇଥିଲେ । କିନ୍ତୁ ସମସ୍ତଙ୍କ ଗୋଟିଏ ପ୍ରକାରର ଥିଲା ।

ଅଧିକ ସଂଗ୍ରହ ପାଇଁ ଶାଳଗଛ ତଳେ ପତ୍ରଜାଳି ନିଆଁ ଲଗାଇବା ଫଳରେ ଡାଳଗୁଡ଼ିକ କିଛି ମାତ୍ରାରେ ତଳକୁ ଝୁଲି ଆସିଥାଏ । ଯାହା ଫଳରେ ମଞ୍ଜି ତୋଳିବା ସହଜ ହୁଏ ବୋଲି କେହି କହୁ ଥିଲାବେଳେ ଅନ୍ୟ ଜଣେ ଡାଳକୁ ବାଡେଇ ବାଡେଇ ବା ଯୋରରେ ହଲାଇ ଶାଳମଞ୍ଜି ସଂଗ୍ରହ କରିବା କଥା କହିଥିଲେ । ସେହିଭଳି ଶାଳମଞ୍ଜିର ପ୍ରକ୍ରିୟାକରଣ ବିଷୟରେ ପଚରା ଗଲା ବେଳେ ପ୍ରାୟ ସମସ୍ତେ ମଞ୍ଜି ପୋଡିବା ଭଳି ପୁରୁଣା ପଦ୍ଧତି ଅବଲମ୍ବନ କରୁଥିବା କଥା କହିଥିଲେ ।

ଏପରି ସଂଗ୍ରହ କିମ୍ବା ପ୍ରକ୍ରିୟାକରଣ କରିବା ଭୁଲ୍ ବୋଲି ଶିବିରରେ ଅଂଶଗ୍ରହଣକାରୀମାନଙ୍କୁ କୁହାଯାଇଥିଲା । ଏହାପରେ ସମସ୍ତେ ପଚାରି ଥିଲେ ତାହାହେଲେ କିପରି ଭାବେ ଶାଳମଞ୍ଜିକୁ ଜଙ୍ଗଲରୁ ସଂଗ୍ରହ କରାଯାଇପାରିବ ଏବଂ ଶାଳମଞ୍ଜିର ଉପଯୁକ୍ତ ପ୍ରକ୍ରିୟାକରଣ କରାଯାଇପାରିବ ।

ଏହାର ଉତ୍ତର ଦେଇ ଆର୍‌ସିଡିସି ସେଣ୍ଟର ଫର୍ ଫରେଷ୍ଟ୍ରୀ ଆଣ୍ଡ ଗର୍ଭର୍ଣ୍ଣାସର ସୁକାନ୍ତ ଜେନା ଶାଳମଞ୍ଜିର ସଂଗ୍ରହ ଓ ପ୍ରକ୍ରିୟାକରଣ ତଥା ଶାଳଗଛର ଦିର୍ଘସ୍ଥାୟୀ ସହନଶୀଳ ବ୍ୟବହାର ପାଇଁ କେତେ ଗୁଡ଼ିଏ ସୁଚିନ୍ତିତ ଏବଂ ପ୍ରମାଣିତ ହୋଇଥିବା ପଦ୍ଧତିଗୁଡ଼ିକ ବିଷୟରେ ଅଂଶଗ୍ରହଣକାରୀଙ୍କୁ ବିସ୍ତୃତ ଭାବରେ ବର୍ଣ୍ଣନା କରି ବୁଝାଇଥିଲେ । ସେ କହିଲେ ଯେ, ମେ ମାସ ୧୫ ତାରିଖରୁ ଜୁନ୍ ମାସ ୨୫ ତାରିଖ ଶାଳମଞ୍ଜି ପାଇଁ ଉପଯୁକ୍ତ ସଂଗ୍ରହ ସମୟ । ଏହି ସମୟରେ ସଂଗ୍ରହ କରାଯାଇଥିବା ଶାଳମଞ୍ଜିରେ ଅଧିକ ପରିମାଣର ତୈଳାଂଶ ରହିଥାଏ । ତେଣୁ ଏହି ସମୟ ମଧ୍ୟରେ ଶାଳମଞ୍ଜି ସଂଗ୍ରହ କରିବା ଉଚିତ୍ । ମଞ୍ଜି ଅଧିକ ପାକଳ ହେଲେ ସେଥିରେ ଥିବା ତୈଳାଂଶ କମିଯାଇଥାଏ । ପ୍ରତିଦିନ ଗଛରୁ ଝଡି ତଳେ ପଡିଥିବା ଶାଳମଞ୍ଜିକୁ ସଂଗ୍ରହ କରନ୍ତୁ । ଗଛକୁ ବାଡେଇ କିମ୍ବା ସେହିଭଳି ଭାବେ ମଞ୍ଜି ସଂଗ୍ରହ କରନ୍ତୁନାହିଁ । ଏହି ମଞ୍ଜିଗୁଡ଼ିକର ବଜାର ମୂଲ୍ୟ ନଥାଏ । ତେଣୁ ଏଗୁଡ଼ିକ ଖୁବ୍ ଶସ୍ତାରେ ବିକ୍ରି ହୋଇଥାଏ । ଏହାଛଡ଼ା ଏହି ସଂଗ୍ରହ ପଦ୍ଧତି ଦ୍ୱାରା ଶାଳଗଛକୁ ବହୁତ କ୍ଷତି ହୋଇଥାଏ ।

ଦେଖାଯାଇଛି ଯେ ଏପରି ସଂଗ୍ରହ କରାଯିବା ପର ବର୍ଷ ଉକ୍ତ ଗଛରେ ପ୍ରତିବର୍ଷ ଯେତିକି



ପରିମାଣର ମଞ୍ଜି ଧରିବା କଥା ସେତିକି ଧରେ ନାହିଁ ଏବଂ ଗତବର୍ଷଠାରୁ ମଧ୍ୟ କମ ପରିମାଣର ମଞ୍ଜି ଧରିଥାଏ । ତେଣୁ ଏପରି ସଂଗ୍ରହ ପଦ୍ଧତି ଠାରୁ ଦୂରରେ ରହି ଶାଳଗଛ ତଥା ଜଙ୍ଗଲର ସୁରକ୍ଷା କରିବାକୁ ସେ ପରାମର୍ଶ ଦେବା ସହ ଗଛ ଓ ଜଙ୍ଗଲର ସହନଶୀଳ ବ୍ୟବହାର କରିବାକୁ କହିଥିଲେ । ଗଛରୁ ଝଡି ପଡିଥିବା ଶାଳମଞ୍ଜିର ବଜାର ଦର ଅଧିକା ଥାଏ ଏବଂ ସଂଗ୍ରହକାରୀଙ୍କୁ ମଧ୍ୟ ଉପଯୁକ୍ତ ବିକ୍ରି ମୂଲ୍ୟ ମିଳିପାରିଥାଏ । ଫଳରେ ସଂଗ୍ରହକାରୀ ନିଜର ସଂଗ୍ରହ, ପ୍ରକ୍ରିୟାକରଣ ଲାଗି କରିଥିବା ପରିଶ୍ରମର ଫଳପାଇଥାଏ ।

ଶାଳମଞ୍ଜିର ପ୍ରକ୍ରିୟାକରଣ ବିଷୟରେ ସେ କହିଲେ ଯେ, କିଛି ସଂଗ୍ରହକାରୀ ଜଙ୍ଗଲରୁ ଶାଳମଞ୍ଜି ସଂଗ୍ରହ କରି ସେହି ଜଙ୍ଗଲରେ ହିଁ ପୋଡି ଦେଉଛନ୍ତି । ଯାହା ଫଳରେ ଅଧିକ ପବନ ଓ ନିଆଁର ଅନିୟନ୍ତ୍ରିତ ବ୍ୟବହାର ଯୋଗୁଁ ଶାଳମଞ୍ଜି ପୋଡ଼ି ନଷ୍ଟ ହେବା ସହିତ ଜଙ୍ଗଲରେ ମଧ୍ୟ ବେଳେବେଳେ ନିଆଁ ଲାଗିଯାଉଛି । ତେଣୁ ଜଙ୍ଗଲରେ ଶାଳମଞ୍ଜିକୁ ଆଦୌ ନପୋଡି ଘରକୁ ଆଣି ତାହାକୁ ୨ ଦିନ ପର୍ଯ୍ୟନ୍ତ ଖରାରେ ଭଲ ଭାବରେ ଶୁଖାଇବା ଉଚିତ୍ । ତାପରେ ମଞ୍ଜିକୁ ମାଟି କିମ୍ବା ଚଟାଣରେ ପତଳାକରି ବିଛାଇ ସେଥିରେ ସତର୍କତାର ସହ ନିଆଁ ଲଗାନ୍ତୁ । ଯେପରି ମଞ୍ଜିର କେବଳ ପାଖୁଡାଗୁଡ଼ିକ ହିଁ ପୋଡ଼ିବ । ମଞ୍ଜି ପୋଡ଼ିବାବେଳେ ଏହାର ରଙ୍ଗ ସବୁଜ ହଳଦିଆ କିମ୍ବା ମାଟିଆ ରଙ୍ଗର ହେବା ଆବଶ୍ୟକ । ମଞ୍ଜି ଅଧିକ ପୋଡ଼ିଗଲେ କଳାରଙ୍ଗ ହୋଇଯାଏ ଏବଂ ସେଥିରେ ଥିବା ତୈଳାଂଶ ମଧ୍ୟ ନଷ୍ଟ ହୋଇଥାଏ । ଫଳରେ ତାହା ବଜାରରେ ଅତି ଶସ୍ତାରେ ବିକ୍ରି ହୋଇଥାଏ କିମ୍ବା ବିକ୍ରି ହୋଇପାରିନଥାଏ । ତେଣୁ ମଞ୍ଜି ପୋଡ଼ିବା ବେଳେ ସାବଧାନତା ରଖିବାକୁ ଅଂଶଗ୍ରହଣକାରୀ ମାନଙ୍କୁ ପ୍ରେରଣା ଦିଆଯାଇଥିଲା ।

ସେହିଭଳି ଶାଳମଞ୍ଜିରୁ ଖୋଳପା ବାହାର କଲାବେଳେ ଶସରେ ମାଟି, ଧୂଳି ଓ ଖୋଳପାର କିଛି ଅଂଶ ରହିଯାଇଥାଏ । ଏହାଛଡା କାଠି ଓ ଶୁଖିଲାପତ୍ର ମଧ୍ୟ ରହିଥାଏ । ଏହାକୁ ବାଛି ଅଲଗା କରିଦେବା ଉଚିତ । ଭଲ ଶସ ଓ ଖରାପ ଶସକୁ ଅଲଗା ଅଲଗା ରଖିବା ଉଚିତ୍ ।

ଶସର ସଂରକ୍ଷଣ ବିଷୟରେ ସେ କହିଲେ ଯେ ଶସକୁ ସବୁବେଳେ ଶୁଖିଲା ସ୍ଥାନରେ ରଖନ୍ତୁ । ମାଟିଠାରୁ ଅଳ୍ପ ଉଚ୍ଚତାରେ ରଖିବା ଭଲ । କାରଣ ଏହାଦ୍ୱାରା ଉଇ, ଅସରପା ଭଳି କ୍ଷତିକାରକ କୀଟଙ୍କଠାରୁ ରକ୍ଷା ମିଳିଥାଏ । ଶସକୁ ପୁରୁଣା ଅଖା କିମ୍ବା ପୂର୍ବରୁ ଲୁଣ, ସାର ଆଦି ଥିବା ଅଖା ବା ମୁଣାରେ କେବେବି ରଖନ୍ତୁନାହିଁ । ଏହାଦ୍ୱାରା ଶସର ଗୁଣ ଖରାପ ହୋଇଥାଏ । ତେଣୁ ବାଉଁଶ ତିଆରି ବଡ ଡାଲା ବା ବେତାରେ ଶସକୁ ରଖିବାକୁ ସେ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ମଞ୍ଜିରେ ଜଳୀୟ ଅଂଶ ଅଧିକ ଲାଗେନାହିଁ । ଫଳରେ ଫିମ୍ପି ଲାଗିବାର ସମ୍ଭାବନା କମ ଥାଏ । ଏଣୁ ମଞ୍ଜି ଅଧିକ ଦିନ ସଂରକ୍ଷିତ ହୋଇ ରହିପାରିଥାଏ ।

ମଞ୍ଜିକୁ ଘରେ ଓ ଗୋଦାମରେ ସଂରକ୍ଷଣ ବିଷୟରେ ସେ କହିଲେ ଯେ, ଯଦି କମ୍ ପରିମାଣର ଶାଳମଞ୍ଜିର ଶସ ରଖୁଛନ୍ତି ତେବେ ଶସ ଗଦାର ଉଚ୍ଚତା ଦୁଇଫୁଟ୍‌ରୁ ଅଧିକ ରଖନ୍ତୁନାହିଁ । ଯଦି ଗୋଦାମ ଘରେ ରଖୁଛନ୍ତି ତେବେ ଗଦାର ଉଚ୍ଚତା ଚାରି ଫୁଟ୍‌ରୁ ଅଧିକ ରଖନ୍ତୁନାହିଁ । କାରଣ ଏହାଠାରୁ ଅଧିକ ଉଚ୍ଚତାରେ ରଖିବା ଦ୍ୱାରା ଶସରୁ ମିଥେନ ଗ୍ୟାସ ସୃଷ୍ଟି ହୋଇ ଶସ ଜଳିଯିବାର ଅନେକ ସମ୍ଭାବନା ଥାଏ । ଏହାଛଡା ଗୋଦାମଘରେ ରଖିଲାବେଳେ ଶସର ସୁରକ୍ଷା ପାଇଁ ସର୍ବଦା ଧ୍ୟାନ ଦେବାକୁ ଅଂଶଗ୍ରହଣକାରୀଙ୍କୁ ବୁଝାଯାଇଥିଲା ।

ବଜାରରେ ସଂଗ୍ରହକାରୀମାନେ କିଏ ଡାଲାରେ ବିକ୍ରି କରୁଛନ୍ତି ତ କିଏ ଓଜନରେ ବିକ୍ରି କରୁଛନ୍ତି । ଅନେକ କ୍ଷେତ୍ରରେ ଟିଣରେ, ତାଟି ଓ ବାଉଁଶ ତିଆରି ଟୋକେଇରେ ମଧ୍ୟ ବିକ୍ରି କରୁ ଥିବାର ଦେଖାଯାଏ । ଏହାଦ୍ୱାରା ସଂଗ୍ରହକାରୀ କ୍ଷତିରେ ପଡ଼ିଥାନ୍ତି । ସେହିପରି ଓଜନରେ ମଧ୍ୟ ଅନେକ ପରିମାଣରେ ଠକେଇରେ ପଡ଼ିଥାନ୍ତି । ତେଣୁ ବଜାରକୁ ବିକ୍ରି କରିବାକୁ ଯିବା ଆଗରୁ ମଞ୍ଜିକୁ ଘରେ ସଠିକ୍‌ଭାବେ ଓଜନ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ବେପାରୀ ଓଜନରେ ଠକି ପାରିବେ ନାହିଁ ଏବଂ ସଂଗ୍ରହକାରୀମାନେ ଉପଯୁକ୍ତ ମୂଲ୍ୟ ପାଇବେ ।

ଶାଳମଞ୍ଜିର ସଂଗ୍ରହ, ପ୍ରକ୍ରିୟାକରଣ ତଥା ଏହାର ସଂରକ୍ଷଣ ଉପରେ ଏହି ପଦ୍ଧତି ସବୁ ଅଂଶଗ୍ରହଣକାରୀମାନଙ୍କୁ ଭଲ ଭାବରେ ବୁଝାଯାଇଥିଲା ଏବଂ ଅଂଶଗ୍ରହଣକାରୀମାନେ ନିଜର ଭୁଲ ସଂଗ୍ରହ ପଦ୍ଧତିକୁ ବୁଝି ଆଗକୁ ଉପରୋକ୍ତ ସହନଶିଳ ପଦ୍ଧତିରେ ସଂଗ୍ରହ କରିବେ ବୋଲି ଏକ ମତ ହୋଇଥିଲେ । ଶେଷରେ ମନୋଜଙ୍କ ଦ୍ୱାରା ଧନ୍ୟବାଦ ପ୍ରସ୍ତାବ ପରେ ସଭା ସାଙ୍ଗ କରାଯାଇଥିଲା ।



■

# ଇସବଗୋଲ

ଇସବ୍‌ଗୋଲ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଔଷଧୀୟ ଗୁଣବତ୍ତାଯୁକ୍ତ ଉଦ୍ଭିଦ ଅଟେ । ଆୟୁର୍ବେଦରେ ଏହାକୁ "ରେଚନ" ବର୍ଗ ଅନ୍ତର୍ଗତ "ମୃଦୁ ବିରେଚନ" ବନୌଷଧୀ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି । ଏହା ଏକ ଗୁଳ୍ମ ଜାତୀୟ ଉଦ୍ଭିଦ ଅଟେ । ଏହାର ବୀଜ ଦେଖିବାକୁ ଘୋଡାର କାନଭଳି ସଦୃଶ ହୋଇଥିବାରୁ ଏହାକୁ "ଅଶ୍ୱକର୍ଣ୍ଣ ବୀଜ" ଏବଂ ଶୀତଳ ଗୁଣଯୁକ୍ତ ହୋଇଥିବାରୁ "ଶୀତବୀଜ" ବୋଲି ମଧ୍ୟ କୁହାଯାଇଥାଏ । ମୁଖ୍ୟତଃ ଉଦରଗତ ରୋଗରେ ଶୀତଳ ଔଷଧ ରୂପେ ଏହାର ବ୍ୟବହାର କରାଯାଏ । କିନ୍ତୁ ବିଭିନ୍ନ ଔଷଧୀୟ ବ୍ୟବହାରକୁ ଦେଖିଲେ ଏହା ଅଧିକ ମହତ୍ତ୍ୱପୂର୍ଣ୍ଣ ମନେ ହୋଇଥାଏ । ଏହା ଏକ ବହୁ ଉପଯୋଗୀ ବନସ୍ପତି ଅଟେ । ସମଗ୍ର ବିଶ୍ୱରେ ଭାରତ ଏହାର ପ୍ରମୁଖ ଉତ୍ପାଦକ ଅଟେ । ସାମ୍ପ୍ରତିକ ସମୟରେ ଏହାର ବହୁଳ ବ୍ୟବହାର ଦେଖାଦେଇଛି ।

ଏହା ଦୀର୍ଘଦିନ ଧରି ବଞ୍ଚି ରହିପାରୁ ଥିବା ଏକ କାଣ୍ଡହୀନ ଲୋମଶ ଜାତୀୟ ଗୁଳ୍ମ ଅଟେ । ଏହାର ପତ୍ରଗୁଡ଼ିକ ଲମ୍ବରେ ୪ ରୁ ୧୦ ଇଞ୍ଚ୍ ପର୍ଯ୍ୟନ୍ତ ବଢିଥାଏ ଏବଂ ପତ୍ରଗୁଡ଼ିକ ମଧ୍ୟରେ କିଛି କିଛି ବ୍ୟବଧାନ ଥାଏ । ଏହାର ପତ୍ରକୋଷଗୁଡ଼ିକ ଚିକ୍କଣ ତଥା ଲୋମଶ ଅଟେ । ପୁଷ୍ପମଞ୍ଜରୀଗୁଡ଼ିକ ପ୍ରାୟ ୧ ଫୁଟ ଲମ୍ବର ଏବଂ ଫୁଲଗୁଡ଼ିକ ପୁଷ୍ପମଞ୍ଜରୀର ଅଗ୍ର ଭାଗରେ ଫୁଟିଥାଏ । ପୁଷ୍ପଦଣ୍ଡଟି ଅଣ୍ଡାକାର ଏବଂ କୋଣ-ପୁଷ୍ପକ, ଲଟୁ ଆକାର ଆୟତାକାର, ଚିକ୍କଣ ତଥା ଅଗ୍ରଭାଗ ଗୋଲ ହୋଇଥାଏ । ଏହାର ଫଳ ଦେଖିବାକୁ ଅଣ୍ଡାକାର ଓ ଲମ୍ବରେ ୮ ମିଲିମିଟର ପର୍ଯ୍ୟନ୍ତ ହୋଇଥାଏ । ଏହାର ଉପର ଅଧାଭାଗ ଶଙ୍କୁଆକାର ଘୋଡଣୀ ସଦୃଶ ହୋଇଥାଏ । ବୀଜକୋଷ ଦ୍ୱିକୋଷ୍ଠୀୟ ହୋଇଥାଏ ଏବଂ ପ୍ରତ୍ୟେକ କୋଷରେ ଏକ ବୀଜ ବାହାର ପାଖରେ ରହିଥାଏ । ବୀଜର ବାହ୍ୟ କୋଷରେ ଏକ ପତଳା ଧଳାରଙ୍ଗର ଜାଲି ଥାଏ । ଉକ୍ତ ଜାଲିକୁ ହାଲକା ଭାବେ ଘଷ ପ୍ରୟୋଗ କଲେ ଭୂସି ମିଳିଥାଏ ।

## ଔଷଧୀୟ ଗୁଣ

ଇସବଗୋଲର ବୀଜ ବା ସାଧାରଣ ଭାଷାରେ ଭୂସି କୁ ହିଁ ମୁଖ୍ୟତଃ ଔଷଧ ଭାବେ ବ୍ୟବହାର କରାଯାଏ । ଏହି ସ୍ନିଗ୍ଧ, ଗୁରୁ ଓ ପିଚ୍ଛିଳ ଗୁଣଯୁକ୍ତ । ଏହା ରସରେ ମଧୁର, ବିପାକରେ ମଧୁର ଏବଂ ଶୀତବୀର୍ଯ୍ୟ ସ୍ୱଭାବ ବିଶିଷ୍ଟ । ସ୍ନିଗ୍ଧ-ମଧୁର ହେତୁ ବାତ ଶାମକ ଏବଂ ମଧୁର ଶୀତ ହେତୁ ପିତ୍ତାମକ ଅଟେ ।

## ବ୍ୟବହାର

ଇସବଗୋଲର ଭୂସି ରେଚକ ଏବଂ ବିବନ୍ଧକ ଗୁଣଯୁକ୍ତ ଅଟେ । ତେଣୁ ମୁଖ୍ୟତଃ ଏହା କବ୍‌ଜ ଏବଂ ଅତିସାର ରୋଗ ପାଇଁ ବ୍ୟବହାର ହୋଇଥାଏ । କବ୍‌ଜ ହେବା ସମୟରେ ଇସବଗୋଲ ଭୂସିକୁ ପାଣିରେ ପକାଇ ଭଲ ଭାବେ ମିଶାଇ ସେବନ କରାଯାଏ । ଶୁଖିଯାଇଥିବା ଭୂସିକୁ ଜଳ କିମ୍ବା ଉଷୁମ କ୍ଷୀର ସହ ସେବନ କରିବା ଉଚିତ । ୩ ଚାମଚ ଭୂସିକୁ ୧୨୦ ମିଲିଲିଟର କ୍ଷୀର କିମ୍ବା ପାଣି ସହ ଦିନକୁ ୨ ରୁ ୩ ଥର ସେବନ କରିବା ଉଚିତ୍ । ଯଦି ଏହା ଦ୍ୱାରା ରୋଗୀର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ନଘଟେ; ତେବେ ଥଣ୍ଡା ଜଳ ସହ ସେବନ କରିବା ଉଚିତ୍ । ଯଦି ଲେମ୍ବୁ ରସ ୧ ଚାମଚ ସହ ଭୂସିକୁ ସେବନ କରାଯାଏ ତେବେ ଖୁବ୍ ଭଲ । ଏହାଛଡା ଅଜିର୍ଣ୍ଣ ହେବା, ଭୋକ ନଲାଗିବା, ପେଟ ଦରଜ ହେବା ଇତ୍ୟାଦି ରୋଗ ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଏ ।

ଇସବଗୋଲକୁ ଦୁଗ୍ଧରେ ଫୁଟାଇ ମିଶ୍ରି ସହିତ ମିଶାଇ ସେବନ କଲେ ଶ୍ୱେତପଦର ରୋଗ ଭଲ ହୋଇଥାଏ ।

ଇସବଗୋଲକୁ ଯୌନ ରୋଗ ପାଇଁ ମଧ୍ୟ ବ୍ୟବହାର କରାଯାଏ । ଏହା ଶୁକ୍ରମେହ, ସ୍ୱପ୍ନଦୋଷ, ପତଳା ବୀର୍ଯ୍ୟ, ସ୍ତମ୍ଭନ ଆଦି ରୋଗ ପାଇଁ ୩ ରୁ ୬ ଗ୍ରାମର ଇସବଗୋଲ ଭୂସିକୁ ୩ ଗ୍ରାମ ସାଲମ ମିଶ୍ରି ଚୂର୍ଣ୍ଣ ସହିତ ୨୫୦ ଗ୍ରାମ କ୍ଷୀରରେ ପକାଇ, ଆବଶ୍ୟକତା ଅନୁସାରେ ଚିନି ମିଶାଇ ଔଷଧ ପ୍ରସ୍ତୁତ କରାଯାଏ । ଏହି ଔଷଧକୁ ଦିନକୁ ଦୁଇଥର ଅର୍ଥାତ୍ ସକାଳ ଏବଂ ଦ୍ୱିପହର ସମୟରେ ସେବନ କଲେ ସମସ୍ତ ପ୍ରକାର ବିକାର ଦୂର ହୋଇଥାଏ । ଇସବଗୋଲ ସେବନ ଦ୍ୱାରା ନପୁଂସକତା ଓ ବୀର୍ଯ୍ୟସ୍ତମ୍ଭନ ସମ୍ବନ୍ଧୀୟ ରୋଗ ଭଲ ହେବାର ଆଶା ରଖାଯାଏ ।

ଶରୀରର ଦୁର୍ବଳତା ତଥା ଶକ୍ତିହୀନତା ଦୂରକରିବା ପାଇଁ ଇସବଗୋଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏଥିପାଇଁ ଇସବଗୋଲ, ଅଶ୍ୱଗନ୍ଧା, ଛୋଟ ହରଡ ଓ ଶତାବରୀ ପ୍ରତ୍ୟେକ ୨୫ ଗ୍ରାମ୍, ୮୦ ଗ୍ରାମ ମିଶ୍ରିକୁ ଗାଈ କ୍ଷୀର ସହିତ ମିଶାଇ ସେବନ କଲେ ଶରୀରରେ ବଳ ଏବଂ ଓଜନ ଉଭୟ ବଢିଥାଏ ।

ରକ୍ତରେ କୋଲେଷ୍ଟରୋଲ୍ ବଢିଯାଇ ଏହାର ମାତ୍ରା କମାଇବା ପାଇଁ ଇସବଗୋଲ୍ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । କରଣ ଏହାର ବୀଜରୁ ମିଳୁଥିବା ତୈଳରେ ୫୦ ପ୍ରତିଶତ ଲିନୋଲିକ୍ ଏସିଡ୍ ମିଳିଥାଏ ଯାହା କୋଲେଷ୍ଟୋରୋଲ କମାଇବା ନିମନ୍ତେ ଲାଭକାରୀ ହୋଇଥାଏ ।

କାଶ ହୋଇଥିଲେ ଇସବଗୋଲର ସେବନ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ । ତେଣୁ ୧୦ ଗ୍ରାମ ଇସବଗୋଲ ଭୂସିକୁ ଚୋବେଇ କରି ଖାଇଲେ କାଶ ଭଲ ହୋଇଯାଇଥାଏ । ସେହିପରି କଫକୁ ମଧ୍ୟ ଶରୀରରୁ ବାହାର କରିବାରେ ଏହା ସକ୍ଷମ ହୋଇଥାଏ । ତେବେ ଏହାକୁ ତିନି ମାସ ପର୍ଯ୍ୟନ୍ତ ସେବନ କରିବାକୁ ପଡିଥାଏ ।

ସେହିପରି ଅର୍ଶ ରୋଗ ପାଇଁ ଏହା ଖୁବ୍ ଉପଯୋଗୀ ହୋଇଥାଏ । ଇସବଗୋଲର ନିୟମିତ ସେବନ ଦ୍ୱାରା ମଳ ନରମ ହୋଇଥାଏ ଏବଂ ମଳ ଦ୍ୱାର ମାଂସ ସହିତ ଘର୍ଷଣଜନିତ ରକ୍ତସ୍ରାବ ହୋଇନଥାଏ । ତେଣୁ ଅଧିକାଂଶ ଅର୍ଶ ରୋଗୀମାନେ ଇସବଗୋଲର ସେବନ କରିଥାନ୍ତି ।

## ଅହିତ ପ୍ରଭାବ

ଇସବଗୋଲକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ଏହାର ଗୁରୁଗୁଣ ଯୋଗୁଁ ଅଗ୍ନିମାନ୍ଦ୍ୟ ଉତ୍ପନ୍ନ ହୋଇଥାଏ ।

ଏହି ଅହିତ ପ୍ରଭାବକୁ ନଷ୍ଟ କରିବା ପାଇଁ ଅରିଷ୍ଟ ଓ ଆସବରକୁ ପ୍ରୟୋଗ କରାଯାଇଥାଏ ।

**(ସଂଗୃହୀତ)**

■

# ପିତାତରଡା

ପିତାତରଡା ଏକ ପ୍ରକାର ଲତା ପ୍ରଜାତିର ଗଛ ଅଟେ । ଓଡ଼ିଶାର ଦକ୍ଷିଣାଞ୍ଚଳରେ ଏହାକୁ ପିତା ମଟକ ଓ ପିତା ବୋକ ବୋଲି ମଧ୍ୟ କହିଥାଆନ୍ତି । ସାଧାରଣ ଲଟା ଭଳି ଏହା ବିଭିନ୍ନ ବାଡ ବା ଗଛ ଉପରେ ଲଟେଇ ଥାଏ । ଅଳ୍ପ ଛାଇ ଥିବା ଅଞ୍ଚଳ କିମ୍ବା ବୁଦୁବୁଦିକିଆ ଅଞ୍ଚଳରେ ଏହା ବହୁଳ ଭାବରେ ମାଡିଥାଏ । ଏହାର ପତ୍ର ଜହ୍ନି ଲଟାର ପତ୍ର ଭଳି ଦେଖିବାକୁ, କିନ୍ତୁ ଆକୃତିରେ ସାମାନ୍ୟ ବଡ଼ ଅଟେ । ଏହି ପତ୍ରର ସ୍ୱାଦ ପିତା ଅଟେ । ତେଣୁ କୌଣସି ଗାଇ ଗୋରୁ ଏହାକୁ ଖାଇନଥାନ୍ତି । ଏହାର ଫଳ ତୋରଡା ଫଳ ପରି ଦେଖିବାକୁ ହୋଇଥାଏ ଏବଂ ଫଳର ରଙ୍ଗ ଗାଢ ଲାଲ ରଙ୍ଗର ହୋଇଥାଏ । ତେଣୁ ଏହାକୁ ପିତାତରଡା ବୋଲି କହିଥାଅନ୍ତି । ଏହି ଲତାଟିର ବିଶେଷତ୍ୱ ହେଉଛି ଯେ ଏହାର ବ୍ୟବହାର ମୁଖ୍ୟତଃ କଟା ଘା', ସାଧାରଣ ଘା' ଓ ବିଭିନ୍ନ କ୍ଷତ ଗୁଡ଼ିକରେ ବିଶେଷ ଭାବେ ହୋଇଥାଏ । ଗାଁ ଗହଳିଗୁଡ଼ିକରେ ବିଶଲ୍ୟକରଣୀର ବିକଳ୍ପ ଭାବେ ମଧ୍ୟ ଏହାର ବ୍ୟବହାର କରାଯାଇଥାଏ ।

**ଔଷଧୀୟ ବ୍ୟବହାର**

➢ ଶରୀରରେ ହଜମ ପ୍ରକ୍ରିୟା ସଠିକ୍ ଭାବେ ହେଉନଥିଲେ ବା ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ ଆଦି ରୋଗ ହୋଇଥିଲେ ୧୦୦ ଗ୍ରାମ ଶୁଖିଲା ପିତାତରଡା ଫଳ ଓ ୧୦୦ ଗ୍ରାମ୍ ଗୋଲମରିଚକୁ ୧ ରୁ ୨ ଲିଟର ପାଣିରେ ଭଲ ଭାବରେ ସିଝାଇ ଦେବ । ପାଣି ଏକ ଚତୁର୍ଥାଂଶ ହୋଇଗଲେ ତାହାକୁ ଆଣି ଶୀତଳ କରି ୧୦ ଭାଗ କରିଦେବ । ଦିନକୁ ଥରେ ପ୍ରସ୍ତୁତ ହୋଇଥିବା କ୍ୱାଥ ୧ ଭାଗ ସେବନ କଲେ ରୋଗରୁ ଉପଶମ ମିଳିଥାଏ ।

➢ କାଶ, ବାୟୁ ବିକାର, ଶ୍ଲେଷ୍ମାଦୋଷ ଆଦି ରୋଗ ଜନିତ କଷ୍ଟ ଭୋଗୁଥିଲେ ପିତାତରଡା ପତ୍ରକୁ ପ୍ରାୟ ୧/୨ କିଲୋଗ୍ରାମ ଆଣି ୧ ଲିଟର ପାଣିରେ ଭଲ କରି ସିଝାଇବ । ପାଣି ଶୁଖି ପ୍ରାୟ ଅଧା ପରିମାଣର ହୋଇଗଲା ପରେ ତାହାକୁ ଓହ୍ଲାଇ ଆଣି ଶୀତଳ କରାଇବ । ପ୍ରସ୍ତୁତ ହୋଇଥିବା କ୍ୱାଥକୁ ୧୦ ଭାଗ କରି ପ୍ରତି ଭାଗ କ୍ୱାଥରେ ୧ ରୁ ୨ ଗ୍ରାମଚ ମହୁ ମିଶାଇ ଦିନକୁ ଥରେ ଲେଖା ନିୟମିତ ପାନ କଲେ ୧ ସପ୍ତାହ ମଧ୍ୟରେ ଶ୍ଲେଷ୍ମା, କାଶ ଏବଂ ବାୟୁ ବିକାର ପରି ରୋଗ ଭଲ ହୋଇଯାଏ ।

➢ ରକ୍ତଦୋଷ ଜନିତ ରୋଗ ହୋଇଥିଲେ ପିତାତରଡାର କଞ୍ଚା ଫଳର ରସ ୨ ଗ୍ରାମଚ ଦାସକେରେଣ୍ଡା ମୂଳର ରସ ୧ ଗ୍ରାମଚ ନେଇ ଚିନି କିମ୍ବା ମିଶ୍ରି ଗୁଣ୍ଡ କିଛି ମିଶାଇ ପ୍ରତିଦିନ ଗୋଟିଏ ଥର କରି ପ୍ରାୟ ୧୦/୧୧ ଦିନ ସେବନ କଲେ ଚର୍ମ ଉପରିସ୍ଥ ରୋଗ ଯେମିତି ବ୍ରଣ, ଯାଦୁ, ଆବୁ ଏବଂ ବିଇଞ୍ଚି ଆଦି ରୋଗ ଭଲ ହେବା ସହିତ ଅସ୍ତ୍ରାଘାତ ଜନିତ ରୋଗ ଭଲ ହୁଏ । ଏହାଛଡା ଏହି ମଞ୍ଜିର ତେଲ ଲଗାଇଲେ ଚର୍ମରୋଗରୁ ମଧ୍ୟ ଉପଶମ ମିଳିଥାଏ ।

➢ ଶରୀରରେ କୌଣସି ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲେ ପିତାତରଡାର ମୂଳ ଓ ପତ୍ର ଉଭୟକୁ ସମାନ ଭାବରେ ଆଣି ଚିକ୍କଣ କରି ବାଟି କ୍ଷତ ସ୍ଥାନରେ ଲେପନ ଦେଲେ ଅତି ଶୀଘ୍ର କ୍ଷତ ସ୍ଥାନର ଭରଣା ହୋଇଥାଏ ।

➢ ଏହାଛଡା ଅନ୍ୟ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ପିତା ତରଡା ମୂଳ ୧ ରୁ ୨ଗ୍ରାମ ପର୍ଯ୍ୟନ୍ତ, କୁଶଗଛର ମୂଳ ୨ ରୁ ୩ ଗ୍ରାମକୁ ୧ ଲିଟର ପାଣିରେ ସିଝାଇ କ୍ୱାଥ ପ୍ରସ୍ତୁତ କରିବ । ଯେତେବେଳେ ଏହା ୨୫୦ ଗ୍ରାମର ହୋଇଯିବ, ସେତେବେଳେ ଶୀତଳ କରି ତାହାକୁ ୭ ଭାଗ କରିଦେବ । ପ୍ରତି ଭାଗରେ ୧/୨ ଗ୍ରାମଚ ମହୁ ଦେଇ ଦିନକୁ ଥରେ ଲେଖା ୪/୫ ଦିନ ପର୍ଯ୍ୟନ୍ତ ନିୟମିତ ସେବନ କଲେ ଉପଦଂଶ କ୍ଷତ ଭଲ ହୋଇଯାଇଥାଏ ।

➢ ଯଦି କୌଣସି ବିଷଧର ସାପ କାମୁଡି ଥାଏ, ତେବେ ପିତାତରଡା ପତ୍ର ୩ଟି ନେଇ ଗୋଲମରିଚ ସହ ବାଟି ରୋଗୀକୁ ବାରମ୍ବାର ପାନ କରାଇଲେ ଦେହରେ ଚରିଯାଇଥିବା ବିଷ ନଷ୍ଟ ହୋଇଥାଏ । କିନ୍ତୁ ସର୍ବାଧିକ ଭାବେ ଏହା ୧୦ ଥର ପର୍ଯ୍ୟନ୍ତ ସେବନ କରିପାରିବ । ଏହାପରେ ସେବନ ନିଷେଧ ଅଟେ ।

➢ ଘରେ ଅଧିକ ଉଇ ପିମ୍ପୁଡି ଆଦି ହୋଇଥିଲେ ପିତାତରଡା ଫଳକୁ ଜଳରେ ଭଲ କରି ସିଝାଇବ । ଯେତେବେଳେ ଫଳର ସବୁ ରସ ପାଣିକୁ ଆସିଲା ପରି ମନେ ହେବ, ସେତେବେଳେ ସେହି ପାଣିକୁ ନେଇ ଉଇ, ପିମ୍ପୁଡିଥିବା ସ୍ଥାନରେ ସିଞ୍ଚନ କଲେ ସେଗୁଡ଼ିକ ନଷ୍ଟ ହୋଇଥାନ୍ତି ।

➢ ଏହାବାଦ୍ ଏହାକୁ ଗାଇଗୋରୁ ନଖାଉଥିଲେ ମଧ୍ୟ ଏଥିରୁ ପ୍ରସ୍ତୁତ ଔଷଧ ସେମାନଙ୍କ ଶରୀର ଯତ୍ନ ନେଇଥାଏ । ଗାଇଗୋରୁଙ୍କ ଦେହରେ ଉକୁଣିଆ ପୋକ ହେଲେ ପିତାତରଡାର କଞ୍ଚା ଫଳକୁ ଆଣି ଚେପାଛଡାଇ ଭିତରର ରସକୁ ଗୋରୁ ଗାଇଙ୍କ ଦେହରେ ଦିନକୁ ୨/୪ ଥର ଘସା ଯାଇଥାଏ । ଏମିତି ୪ ଦିନ ପର୍ଯ୍ୟନ୍ତ କଲେ ସବୁ ଉକୁଣିଆ ପୋକ ମରିଯାଇଥାନ୍ତି । ଏହା ସହିତ ଡିମ୍ବଗୁଡ଼ିକ ମଧ୍ୟ ମରିଯାଇଥାନ୍ତି । ଠିକ୍ ୬ ଦିନ ଉକ୍ତ ଗୋରୁକୁ ଭଲ ଭାବରେ ଗାଧେଇ ଦେଲେ ମୃତ ଉକୁଣିଆ ପୋକ ଓ ଡିମ୍ବଗୁଡ଼ିକ ଧୋଇ ହୋଇ ବାହାରକୁ ପଳାଇ ଆସନ୍ତି ଏବଂ ଗୋରୁଟି ସୁସ୍ଥ ରହେ ।

➢ ପିତାତରଡାପତ୍ର ୭ଟି ନେଇ ଘିଅରେ ଭାଜି ପ୍ରତିଦିନ ସେବନ କଲେ ଭଗନ୍ଦର, ଅର୍ଶ ଆଦି ରୋଗ ଭଲ ହୋଇଯାଇଥାଏ । ସେହିପରି କାଛୁକୁଣ୍ଡିଆ ଭଳି ଡିଆରୋଗ, କଟା ଘା' ପୋଡା ଘା' ଆଦି ଭଲ ହୋଇଯାଏ ।

➢ ପିତାତରଡା ପତ୍ର ୨ ରୁ ୩ କିଲୋଗ୍ରାମକୁ ରାଶି ତେଲ ୧ ରୁ ୨ କିଲୋଗ୍ରାମରେ ଭଲ କରି ଫୁଟାଇ ଶୀତଳ କରିବ । ଦୁଇଦିନ ପରେ ସେହି ତେଲକୁ ମୁଣ୍ଡରେ ଲଗାଇଲେ ଉକୁଣି ମରିଯାଇଥାନ୍ତି । ଏହାର ପ୍ରାୟ ଏକ ସପ୍ତାହହ ପରେ ମୁଣ୍ଡକୁ ଭଲ କରି ସଫା କରିଦେବା ଉଚିତ୍ ।

(ସଂଗୃହୀତ)

■

# ପତ୍ରତୋଳା ଋତୁ ଆରମ୍ଭ ହେଲା, ପରିସ୍ଥିତି ମାନ୍ଦା

***ମାଲାକାନଗିରି,୩୦।୧୨ (ଡି.ଏନ୍.ଏ.)- ମାଲକାନଗିରି ଜିଲ୍ଲାରେ ସବୁଜ ହୀରା କୁହ ଯାଉଥିବା କେନ୍ଦୁପତ୍ର ବ୍ୟବସାୟ କ୍ଷେତ୍ରରେ ଘରୋଇ କମ୍ପାନୀ ତଥା ମାଫିଆମାନଙ୍କ ପ୍ରଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏ ବର୍ଷ କେନ୍ଦୁପତ୍ର ଅମଳ ଋତୁ ଆରମ୍ଭ ହେବାକୁ ଯାଉଥିବାବେଳେ ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାନରେ ବୁଶ୍ କଟିଙ୍ଗ କାମ ଆରମ୍ଭ ହୋଇନାହିଁ । ସରକାର ନିଜେ କେନ୍ଦୁପତ୍ର ସଂଗ୍ରହ ନକରି ଘରୋଇ କମ୍ପାନୀମାନଙ୍କୁ ଏଥର ସଂଗ୍ରହ ଦାୟିତ୍ୱ ଦେବାକୁ ସ୍ଥିର କରିଥିବାରୁ ଏ ଯାଏ ଏ କ୍ଷେତ୍ରରେ କୌଣସି ତତ୍ପରତା ପରିଲକ୍ଷିତ ହୋଇନାହିଁ । ଜିଲ୍ଲାରେ କେନ୍ଦୁପତ୍ର ସଂଗ୍ରହକରି ଜୀବିକା ନିର୍ବାହ କରୁଥିବା ଶହ ଶହ ଆଦିବାସୀ ଶ୍ରମିକ ଏହି ପରିସ୍ଥିତିରେ ଉଦ୍‌ବିଗ୍ନ ହୋଇପଡିଛନ୍ତି । କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟ ଘରୋଇ କମ୍ପାନୀମାନଙ୍କୁ ଦିଆଗଲେ କେବଳ ଶ୍ରମିକମାନେ କ୍ଷତିଗ୍ରସ୍ତ ହେବେ ତା ନୁହେଁ, ସରକାର ମଧ୍ୟ ବିପୁଳ ରାଜସ୍ୱ ହରାଇବେ ବୋଲି ରାଜ୍ୟ ବନକର୍ମଚାରୀ ସଂଘ ପକ୍ଷରୁ ସତର୍କ କରାଇ ଦିଆଯାଇଛି ।***

ମାଲକାନଗିରି ଜିଲ୍ଲାରେ ପ୍ରତିବର୍ଷ ପ୍ରାୟ ୧୦୦ କୋଟିରୁ ଅଧିକ ଟଙ୍କାର କେନ୍ଦୁପତ୍ର ଅମଳ ହେଉଥିବାରୁ ଶହ ଶହ ଆଦିବାସୀ ଏହାକୁ ଜୀବିକା ନିର୍ବାହର ପନ୍ଥା ଭାବେ ଗ୍ରହଣ କରିଥାନ୍ତି । କିନ୍ତୁ କେନ୍ଦୁପତ୍ର କାରବାରରେ କ୍ଷତି ହେଉଥିବା ଆଳ ଦେଖାଇ ପ୍ରଶାସନିକ କର୍ତ୍ତୃପକ୍ଷ ଗତବର୍ଷ କେନ୍ଦୁପତ୍ର ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ କମାଇଦେବା ଘଟଣାକୁ କେନ୍ଦୁପତ୍ର ଶ୍ରମିକମାନେ ଦୃଢ ବିରୋଧ କରିଥିଲେ । କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଦର୍ଶାଉଛନ୍ତି ଯେ ଜୟପୁର କେନ୍ଦୁପତ୍ର ନିଗମ ଅଧିନରେ ମାଲକାନଗିରି ଜିଲ୍ଲାରୁ କୋଟି କୋଟି ଟଙ୍କାର କେନ୍ଦୁପତ୍ର କିଣାଯାଇ ଗଚ୍ଛିତ ରଖାଯାଇଛି । ସେହିଭଳି ନବରଙ୍ଗପୁର ଜିଲ୍ଲାରୁ ଅନେକ ଟଙ୍କାର କେନ୍ଦୁପତ୍ର କିଣାଯାଇଛି । ଏସବୁର ଉଚିତ ବ୍ୟବସାୟ ନହେବାରୁ ଏଥିପାଇଁ କ୍ଷତି ସହିବାକୁ ପଡିଛି । ରାଜ୍ୟ ବନ ନିଗମ ସଂଘର ରାଜ୍ୟ ସଭାପତି ଦୁର୍ଯ୍ୟୋଧନ ପାତ୍ର କହିଛନ୍ତି ଯେ, କେନ୍ଦୁପତ୍ର ସଂଗ୍ରହ ପାଇଁ ଇତି ମଧ୍ୟରେ ପ୍ରଶାସନ ପକ୍ଷରୁ କେତେକ କମ୍ପାନୀକୁ ପ୍ରାରମ୍ଭିକ ଦାୟିତ୍ୱ ଦିଆଯାଇଛି । ଏହି କାରଣରୁ ବୁଶ୍ କଟିଙ୍ଗ୍ ଆଦି କାର୍ଯ୍ୟ ଏଯାଏ ଆରମ୍ଭ ହୋଇନାହିଁ । ଚଳିତବର୍ଷ କେନ୍ଦୁପତ୍ର ନିଗମ ନିଜେ ପତ୍ର ନ କିଣିବା ଆଶଙ୍କା ଦେଖାଦେଇଛି । ଏପରି ହେଲେ ଏହି ଜିଲ୍ଲାରେ ପ୍ରାୟ ୫୦ ହଜାରରୁ ଅଧିକ ପରିବାର ରୋଜଗାର ହରାଇ ବସିବେ ।

ଉଲ୍ଲେଖନୀୟ ଯେ, କେନ୍ଦୁପତ୍ର ଏକ ଲାଭଜନକ ବ୍ୟବସାୟ ହୋଇଥିବାରୁ ୧୯୭୩ ମସିହାରେ ସରକାର କେନ୍ଦୁପତ୍ର ରାଜସ୍ୱ ବୃଦ୍ଧି ପାଇଁ ଯୋଜନା କରି ଏଥିପାଇଁ ଆଇନ ପ୍ରଣୟନ କରିବା ସହିତ କେନ୍ଦୁପତ୍ର ନିଗମ ଗଠନ କରିଥିଲେ । ଏହି ନିଗମକୁ ସୁଦୃଢ କରିବା ପାଇଁ ସରକାର ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ । ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କାର ପତ୍ର ମହଜୁଦ୍ ରଖିବା ପାଇଁ ଗୋଦାମ ଘର ତିଆରି କରାଯାଇଥିଲା । ଅସ୍ଥାୟୀ କର୍ମଚାରୀଙ୍କୁ ତାଲିମ ଦିଆଯାଇ ବିଭିନ୍ନ ସ୍ଥାନରେ ଫଡି ଖୋଲା ଯାଇ ପତ୍ର ତୋଳାଳିଙ୍କଠାରୁ ପତ୍ର ସଂଗ୍ରହ କରାଯାଉଥିଲା । ପରେ ଏହି ପତ୍ରକୁ ନିଲାମ କରି ସରକାର ଲାଭବାନ ହେଉଥିଲେ । କେନ୍ଦୁପତ୍ରରୁ ଆୟ ହେଉଥିବା ଅର୍ଥକୁ ରାଜ୍ୟର ବିକାଶମୂଳକ କାର୍ଯ୍ୟରେ ଲଗାଇବା ପାଇଁ ମଧ୍ୟ ବିଭିନ୍ନ ଯୋଜନା ହୋଇଥିଲା । କିନ୍ତୁ ଗତ କିଛିବର୍ଷ ଧରି ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡ଼ ମାଫିଆମାନେ ଓଡ଼ିଶା ସୀମାନ୍ତରେ ଉନ୍ନତ କିସମର କେନ୍ଦୁପତ୍ର ଉପରେ ଆଖି ପକାଇ ବ୍ୟବସାୟ ବୃଦ୍ଧି କରିବା ସହ କୋଟି କୋଟି ଟଙ୍କାର ପତ୍ର ଚୋରାରେ ବୋହି ନେବାରୁ ଏହି ଜିଲ୍ଲାରେ କେନ୍ଦୁପତ୍ର ବ୍ୟବସାୟ କ୍ଷତିଗ୍ରସ୍ତ ହୋଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ୨୦୦୪ ମସିହାରେ ଏହି କଥା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ପୋଲିସ୍ ଓ ବନବିଭାଗ ମିଳିତ ହୋଇ କେନ୍ଦୁପତ୍ର ବିଭାଗ ଅଧିକାରୀଙ୍କ ତତ୍ତ୍ୱାବଧାନରେ ମାଫିଆମାନଙ୍କ ଉପରେ ଚଢାଉ କରିଥିଲେ । ମାଲକାନଗିରି ଜିଲ୍ଲାର ମୋଟୁ, କାଲିମେଳା ଓ ମାଥିଲି ଅଞ୍ଚଳର କେତେ ଜଣ ମାଫିଆଙ୍କୁ ଗିରଫ କରାଯାଇ ମକଦ୍ଦମା ରୁଜୁ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସରକାର ୨୦୦୪-୦୫ରେ କେନ୍ଦୁପତ୍ର ସଂଗ୍ରହ ଧାର୍ଯ୍ୟ ପରିମାଣ ବୃଦ୍ଧି କରି ୭୦ ହଜାର କ୍ୱିଣ୍ଟାଲ ପତ୍ର କିଣିବାକୁ ସ୍ଥିର କରିଥିଲେ । ସେହିବର୍ଷ ମାଲକାନଗିରି ଜିଲ୍ଲାରୁ ପ୍ରାୟ ୧୯ କୋଟି ଟଙ୍କାର ପତ୍ର ସଂଗ୍ରହ କରି ରଖାଯାଇଥିଲା । କିନ୍ତୁ ଏଥିରୁ ୧୧ କୋଟି ଟଙ୍କାର ପତ୍ର ବିକ୍ରି ହୋଇଥିବାବେଳେ ବଳକା ପତ୍ର ବିକ୍ରି ନହୋଇ ପଡି ରହିଥିବା କୁହାଯାଉଛି । ଏଭଳି ଅବ୍ୟବସ୍ଥା ପାଇଁ ପ୍ରକୃତରେ କିଏ ଦାୟୀ ତାହାର ପ୍ରତିକାର ପାଇଁ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ । ଏଥର କେନ୍ଦୁପତ୍ର ସଂଗ୍ରହ ଋତୁ ଆରମ୍ଭରୁ ମାନ୍ଦା ଅବସ୍ଥା ଦେଖାଦେଇଥିବାରୁ ଏନେଇ ଶ୍ରମିକମାନେ ନାନା ଚିନ୍ତା ପ୍ରକାଶ କରିଛନ୍ତି ।

***ଧରିତ୍ରୀ:୩୧।୧୨।୨୦୦୬***

# ଶାଳମଞ୍ଜି: ଏଠି ହତାଦାର, ବାହାରେ ଆଦର

ବ୍ରହ୍ମପୁର: ୮/୧୧(ବ୍ୟୁରୋ)- ଓଡ଼ିଶା ବିଭିନ୍ନ ମୂଲ୍ୟବାନ୍ ଲଘୁବନଜାତ ଦ୍ରବ୍ୟର ଭଣ୍ଡାର । କିନ୍ତୁ ରାଜ୍ୟରେ ସେଗୁଡ଼ିକର ବିକ୍ରୟ ପାଇଁ ବଜାର ସୃଷ୍ଟିଠାରୁ ଆରମ୍ଭ କରି ପ୍ରକ୍ରିୟାକରଣ ନିମନ୍ତେ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି । ଫଳରେ ବାହାର ରାଜ୍ୟକୁ ଏହି କଞ୍ଚାମାଲ ଚାଲାଣ କରି ମୁନାଫାଖୋର ବ୍ୟବସାୟୀଠାରୁ ଆରମ୍ଭ କରି ଦଲାଲ ଏବଂ ଅସାଧୁ ସରକାରୀ କର୍ମଚାରୀମାନେ ଫାଇଦା ପାଉଛନ୍ତି । ଅନ୍ୟ ପକ୍ଷରେ ଏଗୁଡ଼ିକ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିବା ବଣମୂଳକର ଗରିବ ଆଦିବାସୀ ଖଟିଖିଆଙ୍କ ଅବସ୍ଥାରେ ଉନ୍ନତି ହୋଇପାରୁନାହିଁ । ପୂର୍ବରୁ ଥିବା ବ୍ୟବସ୍ଥାକୁ ରାଜ୍ୟ ସରକାର ଇତି ମଧ୍ୟରେ ପରିବର୍ତ୍ତନ କରି ଶାଳମଞ୍ଜି ସମେତ ଅନ୍ୟାନ୍ୟ ୬୯ଟି ଲଘୁ ବନଜାତ ଦ୍ରବ୍ୟର ବିକ୍ରିବଟା ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରିଥିଲେ ମଧ୍ୟ ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇନଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଆସୁଛି ।

ଓଡ଼ିଶାରେ ଯେଉଁ କେତେକ ଲଘୁବନଜାତ ଦ୍ରବ୍ୟ ମିଳୁଛି ସେଥି ମଧ୍ୟରୁ ଶାଳମଞ୍ଜି ଅନ୍ୟତମ । ବେସରକାରୀ ସୂତ୍ରରୁ ଜଣାପଡିଛି ଯେ, ରାଜ୍ୟରେ ପାଖାପାଖି ୪୦ ହଜାର ହେକ୍ଟର ଶାଳ ଜଙ୍ଗଲ ଓଡ଼ିଶାରେ ରହିଛି ଓ ପ୍ରତିବର୍ଷ ଆନୁମାନିକ ୪୦ ହଜାର ମେଟ୍ରିକ୍ ଟନ୍ ଶାଳମଞ୍ଜି ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି । ପରିତାପର ବିଷୟ ଉତ୍ପାଦିତ ଶାଳମଞ୍ଜିରୁ ଓଡ଼ିଶା କମ୍ ଫାଇଦା ପାଉଛି । ଏହି ଜଙ୍ଗଲଜାତ ସମ୍ପତ୍ତିକୁ ନେଇ ପଡୋଶୀ ମଧ୍ୟପ୍ରଦେଶ, ଛତିଶଗଡ଼ ଭଳି ରାଜ୍ୟ ପ୍ରକ୍ରିୟାକରଣ କରି ବେଶ୍ ଲାଭବାନ୍ ହେଉଛନ୍ତି । ସେହି ରାଜ୍ୟଗୁଡ଼ିକ ଶାଳମଞ୍ଜି ପ୍ରକ୍ରିୟାକରଣ ପରେ ତାହା ଜାପାନ, ୟୁରୋପ ପ୍ରଭୃତି ରାଷ୍ଟ୍ରକୁ ରପ୍ତାନୀ କରି ବହୁ ବୈଦେଶିକ ମୁଦ୍ରା ଅର୍ଜନ କରିବାରେ ସକ୍ଷମ ହେଉଛନ୍ତି । ଅଥଚ ରାଜ୍ୟରେ ଏହି ମଞ୍ଜିକୁ ଏବେ ବି ହତାଦାର କରାଯାଉଛି । କେବଳ ସମ୍ବଲପୁର ଜିଲ୍ଲାର ଏକ ସଂସ୍ଥା ଓ୍ୱେଷ୍ଟର୍ଣ୍ଣ ଓଡ଼ିଶା ଲିମିଟେଡ (ପ୍ରୀତି ଅଏଲ୍)କୁ ଶାଳମଞ୍ଜି ସଂଗ୍ରହ କରିବା ପାଇଁ ଅନୁମତି ମିଳିଥିଲା ଏବଂ ଏହି ସଂସ୍ଥା ଖାଦ୍ୟପଯୋଗୀ ତୈଳ ବାହାର କରୁଥିଲା । ଏବେ ତାହାର ଗତି, ସ୍ଥିତି କଣ ଅସ୍ପଷ୍ଟ ରହିଛି । ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଏହି ମଞ୍ଜିର ମୂଲ୍ୟ ବି ବହୁତ କମ୍ ରହୁଥିବା ଆଉ ଏକ ସମସ୍ୟା ସୃଷ୍ଟି କରିଛି । ଏକ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ବ୍ରହ୍ମପୁର ମଣ୍ଡଳ ଅଧିନରେ ଘୁମୁସର (ଦକ୍ଷିଣ), ଘୁମୁସର (ଉତ୍ତର), ପାରଳାଖେମୁଣ୍ଡି, ଫୁଲବାଣୀ, ନୟାଗଡ଼, ବାଲିଗୁଡ଼ା ଏବଂ ବୌଦ୍ଧ ଡିଭିଜନର ଶାଳ ଜଙ୍ଗଲ ରହିଛି । ଏହି ମଣ୍ଡଳରୁ ୨୦୦୫ ମସିହାରେ ୨୭୪୫ ମେଟ୍ରିକ ଟନ୍ ଶାଳମଞ୍ଜି ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୨୪୨୮.୫୯୭ ମେଟ୍ରିକ ଟନ୍ ମିଳିଛି । ଗତବର୍ଷ ଶାଳମଞ୍ଜିର ସରକାରୀ ଧାର୍ଯ୍ୟ ମୂଲ୍ୟ ମେଟ୍ରିକ୍ ଟନ୍ ପିଛା ୩୨୫୦ ଥିଲା ଓ କିଲୋଗ୍ରାମ ପିଛା ୩ ଟଙ୍କା୨୫ ପଇସା ସଂଗ୍ରହକାରୀଙ୍କୁ ଦେବାକୁ ସ୍ଥିରୀକୃତ ହୋଇଥିଲା ବୋଲି ଜଣାପଡିଛି । ଏହି ହିସାବ ଦେଖାଯିବା ସତ୍ତ୍ୱେ ସଂଗୃହୀତ ଶାଳମଞ୍ଜିରୁ ଓଡ଼ିଶାକୁ ଓ ଓଡ଼ିଶାର ଆଦିବାସୀଙ୍କୁ ଖୁବ୍ କମ୍ ଫାଇଦା ମିଳିଛି । ରାଜ୍ୟ ଏବଂ ରାଜ୍ୟ ବାହାରର ବ୍ୟବସାୟୀ, ଦଲାଲ ବରଂ ବେଶୀ ଲାଭବାନ ହୋଇଛନ୍ତି ।

ଶାଳମଞ୍ଜିରେ ଅତ୍ୟାବଶ୍ୟକ ତେଲ ୧୯-୨୦% ଥାଏ । ଏହା ବଟର ବଦଳରେ ଉପଯୋଗୀ ଖାଦ୍ୟରୂପେ ବ୍ୟବହାର କରାଯାଇଥାଏ । ଏହି ତେଲର ମୂଲ୍ୟ ବିଶ୍ୱ ବଜାରରେ ଉଚ୍ଚା ଥିବାବେଳେ ଏହା ସାବୁନ୍ ତିଆରି ଶିଳ୍ପ ଏବଂ ଚକୋଲେଟ୍ ଶିଳ୍ପରେ ବ୍ୟବହାର ହୋଇଥାଏ । ତାସହ ତେଲ ବାହାରିବା ପରେ ବଳକା ସଂଗୃହୀତ ଦ୍ରବ୍ୟରେ ପ୍ରୋଟିନ୍ ପରିମାଣ ୧୦-୧୨% ଥାଏ, ଯାହାକି କୁକୁଡା ଏବଂ ଗୋଖାଦ୍ୟ ଭାବେ ବ୍ୟବହାର କରାଯାଇପାରେ । ରାଜ୍ୟରେ ପ୍ରତିବର୍ଷ ଏତେ ପରିମାଣରେ ଶାଳମଞ୍ଜି ସଂଗ୍ରହ କରାଯାଉଛି ଅଥଚ ମଧ୍ୟପ୍ରଦେଶ, ଛତିଶଗଡ଼ ପ୍ରଭୃତି ରାଜ୍ୟକୁ ଚାଲାଣ ହେଉଛି । ସେହି ରାଜ୍ୟଗୁଡ଼ିକ ଏହାକୁ କଞ୍ଚାମାଲ ରୂପେ ବ୍ୟବହାର କରି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରୁ ବହୁ ମୁନଫା ଉଠାଉଛନ୍ତି । ଏପରିସ୍ଥଳେ ସ୍ଥାନୀୟ ଅଞ୍ଚଳରେ ଏହାର ପ୍ରକ୍ରିୟାକରଣ ଶିଳ୍ପ ମାଧ୍ୟମରେ ଆଦିବାସୀମାନଙ୍କ ସ୍ଥାୟୀ ରୋଜଗାର ସୃଷ୍ଟି ପାଇଁ ବ୍ୟବସ୍ଥା ହୋଇପାରୁନାହିଁ ।

ଶାଳମଞ୍ଜି ରାଜ୍ୟ ସରକାରଙ୍କ ଜଙ୍ଗଲ ଉନ୍ନୟନ ନିଗମ ଏବଂ ଆଦିବାସୀ ଉନ୍ନୟନ ସମବାୟ ନିଗମ ଜରିଆରେ ସଂଗ୍ରହ କରାଯାଉଥିଲା । ନିଗମ ଦ୍ୱାରା ଟେଣ୍ଡର ଆହ୍ୱାନ ମାଧ୍ୟମରେ ବାହାର ରାଜ୍ୟର ବ୍ୟବସାୟୀମାନଙ୍କୁ ବିକ୍ରି କରିବାର ବ୍ୟବସ୍ଥା କରାଯାଇଥିଲା । ଏହାଦ୍ୱାରା ମଞ୍ଜି ସଂଗ୍ରହକାରୀମାନେ ସେମାନଙ୍କ ଉଚିତ୍ ପ୍ରାପ୍ୟ ପାଇ ପାରୁନଥିବା ଅଭିଯୋଗ ହୋଇ ଆସୁଥିଲା । ଗରିବ ଆଦିବାସୀମାନେ ମଞ୍ଜି ସଂଗ୍ରହ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଏବଂ ଦଲାଲମାନେ ବହୁ କମ ଦାମରେ ମଞ୍ଜି କିଣି ଅସାଧୁ ସରକାରୀ କର୍ମଚାରୀଙ୍କ ଜରିଆରେ ଲାଭ ପାଇଆସୁଥିଲେ । ଏହାସହ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ସୁହାଇଲା ଭଳି ମଞ୍ଜି ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରିପୋର୍ଟ ପ୍ରଦାନ କରୁଥିବା ଅଭିଯୋଗ ହୋଇଛି । ତାସହ ସୀମାନ୍ତ ଅଞ୍ଚଳ ଜଙ୍ଗଲ ରାସ୍ତା ଦେଇ ବହୁ ପରିମାଣର ମଞ୍ଜି ମଧ୍ୟ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଉପାନ୍ତ ଅଞ୍ଚଳର ଆଦିବାସୀମାନେ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ୧୯୬୪ ମସିହା ଗ୍ରାମ ପଞ୍ଚାୟତ ଅଧିନିୟମ ୧୫୨ ଧାରାରେ ଗ୍ରାମପଞ୍ଚାୟତକୁ ଲଘୁବନଜାତ ଦ୍ରବ୍ୟ ବିକ୍ରିବଟାର ସମ୍ପୂର୍ଣ୍ଣ ଅଧିକାର ଦେଇଛନ୍ତି । ଗ୍ରାମପଞ୍ଚାୟତ ସ୍ଥାନୀୟ ଅଞ୍ଚଳରେ ଲାଇସେନ୍ସ ପ୍ରଦାନ କରି ଏହି ସମସ୍ତ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରିବାକୁ କ୍ଷମତା ଦିଆଯାଇଛି । ଚଳିତବର୍ଷଠାରୁ ଶାଳମଞ୍ଜି ଉପରେ ଥିବା କଟକଣା ମଧ୍ୟ ଉଠାଇ ଦିଆଯାଇଛି । ପ୍ରତିବର୍ଷ ଅକ୍ଟୋବର ମାସରେ ବିଭିନ୍ନ ଦ୍ରବ୍ୟର ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳଙ୍କୁ କ୍ଷମତା ମିଳିଛି । କିନ୍ତୁ ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ଏବଂ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିବା ଆଦିବାସୀଙ୍କ ସମସ୍ୟା ଯେଉଁ ତିମିରେକୁ ସେହି ତିମିରେ ଥିବା ଜଣାପଡିଛି ।

***ଧରିତ୍ରୀ: ୦୯.୧୧.୨୦୦୬***

## ଜଙ୍ଗଲ ଓ ପରିବେଶ ବିଭାଗ
## ଓଡ଼ିଶା ସରକାର

ନଂ-ଆଇ.ଆଇ.ଆଇ-ଏ,ଏଫ୍,ଏଫ,ଏନ୍-୧/୨୦୦୫-୮୫୨୫ ଏଫ୍ଆଣ୍ଡଇ, ତାରିଖ-୨୩/୨୪ ମଇ ୨୦୦୬

ଶ୍ରୀ ବିନୋଦ କୁମାର, ଆଇ.ଏଫ୍.ଏସ୍.
ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ।

ପ୍ରାପ୍ତେଷୁ: ପ୍ରଧାନ ମୁଖ୍ୟ ବନ ସଂରକ୍ଷକ
ଭୁବନେଶ୍ୱର, ଓଡ଼ିଶା

**ବିଷୟ-** ଯୁଗ୍ମ ଜଙ୍ଗଲ ପରିଚାଳନା ବନ ସଂରକ୍ଷଣ ସମିତି ଅଞ୍ଚଳରେ ବାଉଁଶ କାର୍ଯ୍ୟକ୍ରମ ଏବଂ କାଠ କାର୍ଯ୍ୟକ୍ରମ ସମ୍ବନ୍ଧରେ

ମହାଶୟ,
ଗଛ କାଟିବା ଉପରେ ନିଷେଧାଦେଶକୁ ଉଠାଇ ନିଆଯିବା ଯୋଗୁଁ ଅନୁମୋଦିତ ବାଉଁଶ ଯୋଜନା ଏବଂ ଅନୁମୋଦିତ କାର୍ଯ୍ୟଯୋଜନା ଅନୁଯାୟୀ କାର୍ଯ୍ୟ ଆରମ୍ଭ ପରେ ଭି.ଏସ୍.ଏସ୍ ଅଞ୍ଚଳରେ ବାଉଁଶ ଏବଂ କାଠର ଅମଳଜନିତ ବ୍ୟବହାର ସୁବିଧା ସମ୍ବନ୍ଧରେ ନିର୍ଦ୍ଦେଶ ଅନୁସାରେ ନିମ୍ନରେ ସ୍ପଷ୍ଟିକରଣ ଦିଆଯାଇଛି ।

୧. ଓଡ଼ିଶା ସରକାରଙ୍କର ପ୍ରସ୍ତାବ ନଂ୧୬୭୦୦ ଏଫ୍ଆଣ୍ଡଇ ଜୁଲାଇ ୩ ତାରିଖ, ୧୯୯୩ ଅନୁଯାୟୀ ଯୁଗ୍ମ ଜଙ୍ଗଲ ପରିଚାଳନା ପ୍ରସ୍ତାବ ୧୯୯୩ର ସର୍ତ୍ତ ୧୪ (ଖ) ଅନୁସାରେ ଭିଏସ୍ଏସ୍ ଅଞ୍ଚଳରେ ବାଉଁଶ ଅମଳର ବ୍ୟବହାର ନିମନ୍ତେ ଭାଗ କେନ୍ଦୁପତ୍ର ଭଳି ଅନ୍ୟ ଜାତୀୟକରଣ ଅଣକାଷ୍ଠ ବନଜାତ ଦ୍ରବ୍ୟ ଭଳି ଲାଗୁ ହେବ । ପ୍ରସ୍ତାବର ପରିଛେଦ ୧୪ (କ)ରେ ଉଲ୍ଲେଖ ଥିବା ପ୍ରାବଧାନ ଅନୁଯାୟୀ ଭି.ଏସ୍.ଏସ୍. ଅଞ୍ଚଳରେ ଉତ୍ପାଦିତ ବାଉଁଶର ଶତ ପ୍ରତିଶତ ଭି.ଏସ୍.ଏସ୍. ସଭ୍ୟମାନଙ୍କ ମଧ୍ୟରେ ବଣ୍ଟାଯିବ । ଏହା ବାଦ ଯଦି କୌଣସି ବଳକା ଉତ୍ପାଦନ ହୁଏ ତାହା ଭିଏସ୍ଏସ୍‌ମାନଙ୍କ ଦ୍ୱାରା ବିକ୍ରୟ କରାଯିବ । ଜଙ୍ଗଲରୁ ସଂଗୃହିତ ବଳକା ଉତ୍ପାଦନକୁ ସ୍ୱୀକୃତି ପ୍ରାପ୍ତ ଏଜେଣ୍ଟ ଓଡ଼ିଶା ବନ ଉନ୍ନୟନ ନିଗମ ଲିମିଟେଡକୁ ହସ୍ତାନ୍ତର କରାଯିବ, ଯିଏ ଏହି ଉତ୍ପାଦନରୁ ଶିଳ୍ପ ଉପଯୋଗୀ ବାଉଁଶକୁ କାଗଜକଳମାନଙ୍କୁ ଅନୁମୋଦିତ ଦରରେ ଡିପୋମାନଙ୍କରେ ବିକ୍ରି କରିବ ଏବଂ ବ୍ୟବସାୟ ଉପଯୋଗୀ ବାଉଁଶ/ଲମ୍ବା ବାଉଁଶକୁ କଞ୍ଚାମାଲ ସଂଗ୍ରହକାରୀଙ୍କୁ ନିର୍ଦ୍ଧାରିତ ଦରରେ ଡିପୋମାନଙ୍କରେ ବିକ୍ରୟ କରିବେ । ଭି.ଏସ୍.ଏସ୍. ଓ ଓଡ଼ିଶା ବନ ଉନ୍ନୟନ ନିଗମ ମଧ୍ୟରେ ଆପୋଷ ଭାବରେ ନିର୍ଦ୍ଧାରିତ ଦର କିମ୍ବା ନିଗମ ଦ୍ୱାରା ନିର୍ଦ୍ଧାରିତ ଦର ମଧ୍ୟରୁ ଯେଉଁଟା ଅଧିକ ହେବ ତାହାହିଁ ଲାଗୁ ହେବ । ଯଦି ଡିପୋରେ ଶିଳ୍ପ ଉପଯୋଗୀ ବାଉଁଶ ଥାଏ, ତେବେ ବିକ୍ରି ମୂଲ୍ୟରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବନ ଉନ୍ନୟନ ନିଗମର ଏଜେଣ୍ଟ କମିଶନକୁ ବାଦ ଦେଇ ବଳକା ଅର୍ଥକୁ ଭି.ଏସ୍.ଏସ୍.କୁ ପ୍ରଦାନ କରାଯିବ । ୨୦୦୫ ଓ ୨୦୦୬ ବାଉଁଶ କାର୍ଯ୍ୟକ୍ରମ ବର୍ଷରେ ବିକ୍ରୟ ମୂଲ୍ୟ ମେଟ୍ରିକ ଟନ୍ ପିଛା ୧୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଏଜେଣ୍ଟ କମିଶନ ମେଟ୍ରିକ ଟନ୍ ପିଛା ୧୮୦ ଟଙ୍କା ନିର୍ଦ୍ଧାରିତ କରାଯାଇଅଛି । ସୁତରାଂ, ଏହି ବର୍ଷରେ ୧୫୦୦ ଟଙ୍କାରୁ ୧୮୦ ଟଙ୍କା କମିଶନ୍‌କୁ ବାଦ ଦେଇ ବଳକା ୧୩୨୦ ଟଙ୍କା ଓଡ଼ିଶା ବନ ଉନ୍ନୟନ ନିଗମ ଡିପୋମାନଙ୍କରେ ଭିଏସ୍ଏସ୍‌ମାନଙ୍କୁ ପ୍ରଦାନ କରିବ । ଭି.ଏସ୍.ଏସ୍. ଜଙ୍ଗଲ ଅଞ୍ଚଳରେ ଆବଶ୍ୟକୀୟ କାଣ୍ଟଛାଣ୍ଟ ଏବଂ ଭବିଷ୍ୟତ ଉତ୍ପାଦକତା ବୃଦ୍ଧି ଏବଂ ଭି.ଏସ୍.ଏସ୍.ମାନଙ୍କର ଆୟ ନିମନ୍ତେ ଏହି ପ୍ରାପ୍ତ ଅର୍ଥରୁ ଭି.ଏସ୍.ଏସ୍.ମାନେ କିଛି ଅର୍ଥ ବିନିଯୋଗ କରିବା ନିମନ୍ତେ ବିଚାର କରିବେ ।

୨. ଅନୁମୋଦିତ ବାଉଁଶ ଯୋଜନା ଏବଂ ବାଉଁଶ କାଟିବା ନିୟମ ଅନୁଯାୟୀ ଭିଏସ୍‌ଏସ୍ ଅଞ୍ଚଳରେ ପ୍ରତି ୪ ବର୍ଷରେ ଥରେ ବାଉଁଶ ଅମଳ ହେବ । ଏହା ଭି.ଏସ୍.ଏସ୍. ଅଞ୍ଚଳରେ ଥିବା ଜଙ୍ଗଲର ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନା କିମ୍ବା ଅଣୁ ଯୋଜନାର ଏକ ଅଂଶ ହେବା ଉଚିତ୍ । ବାଉଁଶ ଅମଳ ପୂର୍ବରୁ ଭି.ଏସ୍.ଏସ୍. ସଭ୍ୟମାନଙ୍କ ଭିତରେ ଭାଗ ବଣ୍ଟରାକୁ ନେଇ ଏକ ପ୍ରସ୍ତାବ ଗୃହୀତ ହେବା ଆବଶ୍ୟକ । ଯେଉଁଥିରେ କେବଳ ବାଉଁଶ, ବାଉଁଶ ଏବଂ ବଳକା ବାଉଁଶର ବିକ୍ରିରୁ ମିଳୁଥିବା ଅର୍ଥ କିମ୍ବା କେବଳ ବଳକା ବାଉଁଶରୁ ମିଳିଥିବା ଅର୍ଥ ସଭ୍ୟମାନଙ୍କ ଭିତରେ ଭାଗ ହେବ ତାହା ଉଲ୍ଲେଖ ରହିବ । ଯୁଗ୍ମ ଜଙ୍ଗଲ ପରିଚାଳନା ଅଞ୍ଚଳଟି ବାଉଁଶ କୁପ୍ ଅଞ୍ଚଳ ମଧ୍ୟରେ ଆସୁଥିଲେ ମଧ୍ୟ ବାଉଁଶ କାଣ୍ଡଛାଣ୍ଟ କାର୍ଯ୍ୟକ୍ରମ ଏବଂ ଓଡ଼ିଶା ବନ ଉନ୍ନୟନ ନିଗମର ଡିପୋ ପର୍ଯ୍ୟନ୍ତ ପରିବହନର ଭାର ଭିଏସ୍‌ଏସ୍ ବହନ କରିବ । ଓଡ଼ିଶା ବନ ଉନ୍ନୟନ ନିଗମ ଡିପୋକୁ ବାଉଁଶ ପରିବହନ ନିମନ୍ତେ ବନପାଳ ଏବଂ ସଭ୍ୟ ସମ୍ପାଦକ କିମ୍ବା ବନାଞ୍ଚଳ ଅଧିକାରୀ ପରମିଟ ପ୍ରଦାନ କରିବେ । ଯଦି ଭି.ଏସ୍.ଏସ୍. ଅଞ୍ଚଳରୁ ଓଡ଼ିଶା ବନ ଉନ୍ନୟନ ନିଗମ ପ୍ରତ୍ୟକ୍ଷ ଭାବରେ କିମ୍ବା କଞ୍ଚାମାଲ ସଂଗ୍ରହକାରୀ ସହିତ ଅମଳ ଓ ବିକ୍ରି କରିବା ନିମନ୍ତେ ସମ୍ପୃକ୍ତ ଭି.ଏସ୍.ଏସ୍. ପ୍ରସ୍ତାବ ଦେବେ, ତେବେ ବାଉଁଶକୁ ଡିପୋ ପର୍ଯ୍ୟନ୍ତ ନେବାର ଦାୟିତ୍ୱ ଓଡ଼ିଶା ବନ ଉନ୍ନୟନ ନିଗମ ନେବେ । ବିକ୍ରି ଲବ୍ଧ ଅର୍ଥରୁ ଭି.ଏସ୍.ଏସ୍. ଓ ଓଡ଼ିଶା ବନ ଉନ୍ନୟନ ନିଗମ ସହମତିରେ ପୂର୍ବରୁ ନିଷ୍ପତ୍ତି ଅନୁସାରେ ଜଙ୍ଗଲରୁ ଅମଳ ଖର୍ଚ୍ଚ ଏବଂ ପରିବହନ ମୂଲ୍ୟକୁ ବାଦଦେଇ ବଳକା ଅର୍ଥକୁ ଓଡ଼ିଶା ବନ ଉନ୍ନୟନ ନିଗମ ଭି.ଏସ୍.ଏସ୍.କୁ ପ୍ରଦାନ କରିବ । ସମସ୍ତ ଦେୟ ଭି.ଏସ୍.ଏସ୍.ର ଜମା ଖାତାରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପୈଠ କରାଯିବ ।

୩. ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନା ଅନୁଯାୟୀ ଭିଏସ୍‌ଏସ୍ ଦ୍ୱାରା ସୁରକ୍ଷିତ ଓ ପରିଚାଳିତ ଜଙ୍ଗଲ ଅଞ୍ଚଳରେ ଉତ୍ପାଦକତା ବୃଦ୍ଧି ନିମନ୍ତେ କରାଯାଉଥିବା ଜଙ୍ଗଲ ସଫା ଏବଂ କାଣ୍ଡଛାଣ୍ଟ କାର୍ଯ୍ୟକ୍ରମରେ ବୃକ୍ଷ ପ୍ରଜାତିରୁ ମିଳୁଥିବା ମଧ୍ୟବର୍ତ୍ତୀକାଳୀନ ଅମଳର ଭାଗ ବଣ୍ଟରା ୧୯୯୩ ମସିହା ଯୁଗ୍ମ ଜଙ୍ଗଲ ପରିଚାଳନା ପ୍ରସ୍ତାବର ସର୍ତ୍ତ ୧୪ (ଗ) ଏବଂ ସେମାନଙ୍କର ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନା ଅନୁଯାୟୀ ହେବ । ଯଦହି ଅଞ୍ଚଳ ଅନୁମୋଦିତ କାର୍ଯ୍ୟ ଯୋଜନା ଅଞ୍ଚଳ ମଧ୍ୟରେ ରହୁଥାଏ, ତେବେ ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନା ଅନୁଯାୟୀ ଏହି ଭି.ଏସ୍.ଏସ୍. ଅଞ୍ଚଳରେ କାଣ୍ଡଛାଣ୍ଟ କାର୍ଯ୍ୟକ୍ରମକୁ ସମ୍ପୃକ୍ତ କାର୍ଯ୍ୟ ଯୋଜନା ସର୍କଲର କାର୍ଯ୍ୟକ୍ରମ ବ୍ୟବସ୍ଥାର ଏକ ଅଂଶ ଭାବେ ଗ୍ରହଣ କରାଯିବ । ଯଦି ଭି.ଏସ୍.ଏସ୍. ଅଞ୍ଚଳରେ କାଣ୍ଡଛାଣ୍ଟ ବ୍ୟବସ୍ଥାରେ ଅନୁମୋଦିତ କାର୍ଯ୍ୟ ଯୋଜନା ନିମନ୍ତେ ନିର୍ଦ୍ଧାରିତ ଅର୍ଥ ବ୍ୟବସ୍ଥାରେ କୌଣସି ବିଚ୍ୟୁତି ଦେଖାଦିଏ, ତେବେ ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଏହି ବିଚ୍ୟୁତିର ଏକ ବିବରଣୀ ଦିଆଯିବା ଆବଶ୍ୟକ । ଯଦି ଯୁଗ୍ମ ଜଙ୍ଗଲ ପରିଚାଳନା ଅଞ୍ଚଳ ବନଖଣ୍ଡର ଅନୁମୋଦିତ କାର୍ଯ୍ୟ ଯୋଜନା ଅଞ୍ଚଳ ମଧ୍ୟରେ ଆସୁନଥାଏ କିମ୍ବା ବର୍ତ୍ତମାନ ସେଠାରେ ଅନୁମୋଦିତ କାର୍ଯ୍ୟ ଯୋଜନା ନଥାଏ, ସେହି ଅଞ୍ଚଳରେ ଜଙ୍ଗଲ କାଣ୍ଡଛାଣ୍ଟ କାର୍ଯ୍ୟକ୍ରମ ୧୯୯୩ ମସିହା ସରକାରୀ ପ୍ରସ୍ତାବ ନଂ–୧୬୭୦୦/ଏଫ୍‌ଆଣ୍ଡଇ ଜୁଲାଇ ୩ ତାରିଖର ପରିଚ୍ଛେଦ ୧୨ ଅନୁଯାୟୀ ଆଞ୍ଚଳିକ ବନ ସଂରକ୍ଷକଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ବୈଷୟିକ କମିଟିର ଅନୁମୋଦନ କ୍ରମେ କାର୍ଯ୍ୟକାରୀ ହେବ । ଯଦି କୌଣସି ବଳକା ଉତ୍ପାଦନ ହୁଏ, ତାହା ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ସହାୟତାରେ ଭିଏସ୍‌ଏସ୍ ଦ୍ୱାରା ବିକ୍ରୟ ହେବ । ଏହାକୁ ଗ୍ରାମ କିମ୍ବା ଭି.ଏସ୍.ଏସ୍. ସ୍ତରରେ ନିଲାମ କରାଯାଇ ଓଡ଼ିଶା ବନ ଉନ୍ନୟନ ନିଗମ ଡିପୋରେ ବିକ୍ରୟ କରାଯିବ । ଭି.ଏସ୍.ଏସ୍.ମାନଙ୍କୁ ବିକ୍ରି ଲବ୍ଧ ଅର୍ଥ ପ୍ରଦାନ ନିମନ୍ତେ ଓଡ଼ିଶା ବନ ଉନ୍ନୟନ ନିଗମ ସେମାନଙ୍କଠାରୁ ନିର୍ଦ୍ଧାରିତ ଦରରେ ଡିପୋଠାରେ ଖୁଣ୍ଟ, କାଠ, ଜାଳେଣୀକାଠ ଆଦି କ୍ରୟ କରିପାରିବ କିମ୍ବା ନିଲାମ ନେଇ ପାରିବ ।

୪. ଭିଏସ୍‌ଏସ୍ ଅଞ୍ଚଳରେ ଉତ୍ପାଦକତାର ଚିରସ୍ଥାୟିତ୍ୱ ଓ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ନିମନ୍ତେ ଏକ ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇ ଏଥି ସହିତ ଭି.ଏସ୍.ଏସ୍.. ମଧ୍ୟରେ ଅମଳର ଭାଗ ନିମନ୍ତେ ଏକ ପ୍ରସ୍ତାବ ଗ୍ରହଣ କରାଯିବା ଆବଶ୍ୟକ ।

ଏହି ନିର୍ଦ୍ଦେଶାବଳୀ ଜାତୀୟ କାର୍ଯ୍ୟ ଯୋଜନା କୋଡ୍ ୨୦୦୪ର ପରିଚ୍ଛେଦ ୮୯ର ଯୁଗ୍ମ ଜଙ୍ଗଲ ପରିଚାଳନାର ସର୍ତ୍ତ ଅନୁଯାୟୀ ଦିଆଯାଇଛି । ପୂର୍ବରୁ ଅମଳର ଭାଗିଦାରୀ ନିମନ୍ତେ ଦିଆଯାଇଥିବା କୌଣସି କାର୍ଯ୍ୟାନୁଷ୍ଠାନକୁ ଏହିଠାରେ ଥିବା ନିର୍ଦ୍ଦେଶ ଅନୁଯାୟୀ ପୂର୍ନବାର ବିଚାର କରାଯିବ ନାହିଁ କିମ୍ବା ପରିବର୍ତ୍ତନ କରାଯିବ ନାହିଁ ।

**ଆପଣଙ୍କର ବିଶ୍ୱସ୍ତ**
**ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ**

**ବେଏଗି ଗ୍ଲଲ ହାଟ ବହୁ ଦୂର...........**



# ଝାଞ୍ଜାବ୍

(କେବଳ ଘରୋଇ ପ୍ରସାରଣ ନିମିତ୍ତ)


RCDC

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
**(ଆର୍.ସି.ଡି.ସି)**
୪୨୪, ଶହୀଦ ନଗର
ଭୁବନେଶ୍ୱର-୭୫୧୦୦୭
ଫୋନ୍-(୦୬୭୪)୨୫୪୭୮୧୩/୨୫୪୭୫୮୫/୨୫୪୭୮୯୭
ୱେବ୍‌ସାଇଟ୍ : www.banajata.org, www.rcdcindia.org
ଇମେଲ୍ : rcdcbbsr@sancharnet.in

**ଆର.ସି.ଡି.ସି. ସେଣ୍ଟର୍ ଫର୍**
**ୱାଟର୍ ଫର୍ ଲାଇଫ୍**
୪୨୪, ଶହୀଦ ନଗର
ଭୁବନେଶ୍ୱର - ୭୫୧ ୦୦୭
ଫୋନ-୦୬୭୪-୨୫୪୭୫୮୫/୨୫୪୭୮୯୭
ଇମେଲ୍ : rcdccwl@bsnl.in

**ଆର୍‌ସିଡିସି ସେଣ୍ଟର୍ ଫର୍ ଫରେଷ୍ଟ ଆଣ୍ଡ୍ ଗଭର୍ଣ୍ଣାନ୍ସ**
ଏନ୍/୪-୩୪୨, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୧୫
ଫୋନ୍ : ୦୬୭୪-୨୫୫୨୪୯୪
ଇମେଲ୍ : rcdccfg@bsnl.in

**ଆର୍.ସି.ଡି.ସି.**
**ସେଣ୍ଟର ଫର୍ କମ୍ୟୁନିଟି ଡେଭ୍‌ଲପ୍‌ମେଣ୍ଟ୍**
ପ୍ୟାଲେସ୍ ଲାଇନ, ବଲାଙ୍ଗୀର-୭୬୭୦୦୧
ଫୋନ-୦୬୬୫୨-୨୩୪୮୪୨
ଇମେଲ୍ : rcdcbgr@bsnl.in

**ଆର.ସି.ଡି.ସି.**
**ସେଣ୍ଟର ଫର୍ କମ୍ୟୁନିଟି ଡେଭ୍‌ଲପ୍‌ମେଣ୍ଟ୍**
ମଦର ଟେରେସା ମାର୍ଗ, ବ୍ଲକ୍ ଛକ ନିକଟ,
ନବରଙ୍ଗପୁର-୭୬୪୦୫୯
ଫୋନ୍-୦୬୮୫୮-୨୨୩୭୯୨
ଇମେଲ୍ : rcdcngr@bsnl.in